ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.245, Bhubaneswar Sunday, November 10, 2019 | ୨୨ତମ ବର୍ଷ ସଂଖ୍ୟା–୨୪୫ ଭୁବନେଶ୍ୱର ରବିବାର, ନଭେମ୍ବର ୧୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ଜନ୍ମସ୍ଥାନରେ ନିର୍ମାଣ ହେବ ରାମ ମନ୍ଦିର

## ମୁସଲିମ ପକ୍ଷଙ୍କୁ ଅନ୍ୟତ୍ର ଜାଗା ଦେବାକୁ ନିର୍ଦ୍ଦେଶ



### ନୂଆ ଭାରତରେ ଭୟ, କଟୁତା, ନକାରାତ୍ମକତାର ସ୍ଥାନ ନାହିଁ : ମୋଦି

ନୂଆଦିଲ୍ଲୀ : ଆଜି ସୁପ୍ରିମକୋର୍ଟ ଏକ ଏପରି ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ଦେଇଛନ୍ତି, ଯାହା ପଛରେ ଶହ ଶହ ବର୍ଷର ଏକ ଇତିହାସ ରହିଛି। ସାରା ବିଶ୍ୱ ଏହା ଗ୍ରହଣ କରିଥାଏ ଯେ ଭାରତ ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶ କିନ୍ତୁ ଆଜି ବିଶ୍ୱ ଏହା ମଧ ଜାଣିଲା ଯେ ଭାରତର ଗଣତନ୍ତ୍ର କେତେ ଜୀବନ୍ତ ଏବଂ ମଜବୁତ। ଆଜି ରାୟ ପ୍ରକାଶ ପାଇବା ପରେ, ଯେପରି ଭାବେ ପ୍ରତ୍ୟେକ ସମ୍ପ୍ରଦାୟ,ପ୍ରତ୍ୟେକ ଧର୍ମ ଏବଂ ସାରା ଦେଶର ଲୋକମାନେ, ଖୋଲା ହୃଦୟରେ ଏହାକୁ ସ୍ୱୀକାର କଲେ, ଏହା ଭାରତର ପୁରାତନ ସଂସ୍କୃତି, ପରମ୍ପରା ଏବଂ ସୌହାର୍ଦ୍ଦ୍ୟ ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରକାଶ କରିଛନ୍ତି ।ମୋଦି କହିଛନ୍ତି ଯେ ଭାରତର ନ୍ୟାୟପାଳିକା ଇତିହାସରେ ମଧ ଆଜିର ଏହି ଦିନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଭଳି। ଏହି ପ୍ରସଙ୍ଗରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ ସମସ୍ତ ପକ୍ଷଙ୍କୁ ଶୁଣିଥିଲେ, ଅତ୍ୟନ୍ତ ଧୈର୍ଯ୍ୟର ସହ ଶୁଣିଥିଲେ ଏବଂ ସର୍ବସମ୍ମତିକ୍ରମେ ରାୟ ଦେଇଥିଲେ। ସେଥିପାଇଁ ଦେଶର ନ୍ୟାୟାଧୀଶ, ନ୍ୟାୟାଳୟ ଏବଂ ଆମର ନ୍ୟାୟିକ ବ୍ୟବସ୍ଥା ଅଭିନନ୍ଦନ ପାଇବାର ହକଦାର।

ନୂଆଦିଲ୍ଲୀ : ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ବହୁ ପ୍ରତିକ୍ଷିତ ରାୟ ଦେଇଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚଜଣିଆ ଖଣ୍ଡପୀଠ ସର୍ବସମ୍ମତି କ୍ରମେ ବିବାଦୀୟ ଭୂମିକୁ ରାମ ଜନ୍ମଭୂମି ନ୍ୟାସକୁ ଦେବାକୁ ନିର୍ଦ୍ଦେଶ ଦେବା ସହିତ ମୁସଲିମଙ୍କୁ ଅନ୍ୟତ୍ର ଜାଗା ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅଯୋଧ୍ୟାର ଏକ ପ୍ରମୁଖ ସ୍ଥାନରେ ସୁନ୍ନି ୱାକଫ୍ ବୋର୍ଡ଼କୁ ୫ ଏକର ଜମି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ୫ ଏକର ଜମିର ମାଲିକାନା ସତ୍ୱ ଏ ସଂପର୍କୀତ ଏକ ଟ୍ରଷ୍ଟକୁ ଦେବାକୁ କହିଛନ୍ତି ।ନ୍ୟାୟାଳୟ ତାଙ୍କରେ ନିର୍ଦ୍ଦେଶରେ କହିଛନ୍ତି ଯେ କେନ୍ଦ୍ର ସରକାର ଏହି ଟ୍ରଷ୍ଟ ଗଠନ କରିବେ । ଏହାସହିତ ମନ୍ଦିର ନିର୍ମାଣ ପାଇଁ ମଧ ଟ୍ରଷ୍ଟ ତିଆରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୩ ମାସ ଭିତରେ ଯୋଜନା ପ୍ରସ୍ତୁତ କରିବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ୬ ଅଗଷ୍ଟରୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ବ୍ୟତୀତ ଜଷ୍ଟିସ୍ ଏସ୍‌ଏ ବୋବ୍ଡେ(ଆଗାମୀ ପ୍ରଧାନ ବିଚାରପତି), ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଜଷ୍ଟିସ୍ ଏସ୍ ଅବ୍ଦୁଲ ନାଜୀରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଲଗାତାର ୪୦ ଦିନ ଧରି ଶୁଣାଣି କରିଥିଲେ । ଅକ୍ଟୋବର ୧୬ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ । ସୁପ୍ରିମକୋର୍ଟର ତାଙ୍କ ରାୟରେ କହିଛନ୍ତି ଯେ ବାବ୍ରି ମସଜିଦ୍ ଖାଲି ଜମିରେ ତିଆରି ହୋଇନାହିଁ । ଭାରତୀୟ ପ୍ରତ୍ନତ୍ୱ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଆଧାରରେ ଦ୍ୱାଦଶ ଶତାବ୍ଦୀରେ ଏଠାରେ ଏକ ମନ୍ଦିର ଥିଲା । ଏହାପରେ ଦ୍ୱାଦଶ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ କୌଣସି ତଥ୍ୟ ମିଳିନାହିଁ । ହିନ୍ଦୁମାନଙ୍କ ବିଶ୍ୱାସକୁ ଅଣଦେଖା କରାଯାଇ ପାରିବ ନାହିଁ । ଅଯୋଧ୍ୟା ଭଗବାନ ରାମଙ୍କ ଜନ୍ମଭୂମି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି । ତେବେ କୌଣସି ଆସ୍ଥା ଓ ବିଶ୍ୱାସକୁ ନେଇ କୋର୍ଟ ରାୟ ଦେବେ ନାହିଁ । ଆଇନ ଅନୁଯାୟୀ ଜମି ବିବାଦର ମାଲିକାନା ବିଚାର କରାଯିବ । ମୁସଲିମ୍ମାନେ ଜମି ଉପରେ ଏକାକୀ ମାଲିକାନା ଜାହିର କରିପାରିବେନି । ଇଂରେଜ ଅମଳରେ ସେଠାରେ ନମାଜ ପାଠ କରାଯାଉଥିବାର ପ୍ରମାଣ ନାହିଁ ।ଏହା ବ୍ୟତୀତ ସୁପ୍ରିମ କୋର୍ଟ ସହିତ ଶିଆ ୱାକଫ ବୋର୍ଡର ଆବେଦନ ମଧ ଖାରଜ କରିଛନ୍ତି । ସର୍ବସମ୍ମତି କ୍ରମେ ଶିଆ ୱାକଫ ବୋର୍ଡର ଆବେଦନ ଖାରଜ ହୋଇଛି । ବାବରଙ୍କ ସମୟରେ ମୀର ବାକି ଏହି ମସଜିଦ୍ ତିଆରି କରିଥିଲେ । ସେହିପରି ନିର୍ମୋହି ଆଖଡ଼ାର ଆବେଦନ ମଧ ଖାରଜ ହୋଇଛି ।

# ଉପକୂଳ ଓଡିଶାରେ ବ୍ୟାପକ କ୍ଷୟକ୍ଷତି ଘଟାଇଲା 'ବୁଲବୁଲ୍'



ଭୁବନେଶ୍ୱର, (ପିଏନ)- ସାମୁଦ୍ରିକ ବାତ୍ୟା ବୁଲ୍ ବୁଲ୍ ଉପକୂଳ ଜିଲ୍ଲା ମାନଙ୍କରେ ତାଣ୍ଡବ ଖେଳାଇଛି। ଭଦ୍ରକ , ବାଲେଶ୍ୱର , କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗମନାଗମନ , ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ଫସଲ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସେହିପରି କେନ୍ଦ୍ରାପଡା ଜିଲ୍ଲାରେ କାନ୍ଥ ପଡି ଜଣଙ୍କର ମୃତ୍ୟୁ ଘଟିଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଶନିବାର ଭୋର ୫.୩୦ ମିନିଟରେ ସାମୁଦ୍ରିକ ଝଡ଼ 'ବୁଲବୁଲ୍' ପାରାଦୀପର ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୧୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଥିଲା। ସେତେବେଳେ ଏହାର ବେଗ ୬ ଘଂଟା ଧରି ଘଂଟାପ୍ରତି ୧୩ କି.ମି. ବେଗରେ ଉତର ଦିଗକୁ ଗତି କରିଥିଲା। ଏହା କ୍ରମଶଃ ଅଗ୍ରସର ହେବା ସହିତ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳସ୍ଥ ସୁନ୍ଦରବନ ତ୍ରିକୋଣଭୂମି ମଧ୍ୟଦେଇ ସ୍ଥଳଭାଗରେ ପ୍ରବେଶ କରିବ ଏବଂ ରାତି ୧୧ ଟା ମଧ୍ୟରେ ଲ୍ୟାଣ୍ଡଫଲ୍ କରିପାରେ।

ବାତ୍ୟାର ପ୍ରଭାବରେ ଆଜି ସକାଳ ସମୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ଉପକୂଳବର୍ତୀ ଅଂଚଳରେ ଥଣ୍ଡା/କୋହଲା ପବନ ଘଂଟାପ୍ରତି ୬୦ରୁ ୭୦ କି.ମି. ବେଗରେ ଏପରିକି ବେଳେବେଳେ ୮୦ କି.ମି. ବେଗରେ ପ୍ରବାହିତ ହେଉଥିଲା । ପରବର୍ତୀ ସମୟରେ ଏହି ଜିଲ୍ଲା ଗୁଡ଼ିକରେ ଝଡ଼ ପବନର ବେଗ ଘଂଟା ପ୍ରତି ୭୦ ରୁ ୮୦ କି.ମି. ଏପରିକି ବେଳେବେଳେ ୯୦ କି.ମି. ବେଗରେ ପ୍ରବାହିତ ହେବାର ନଜରକୁ ଆସିଥିଲା । ଧାମରା ବନ୍ଦର ଠାରେ ପବନର ବେଗ ସର୍ବାଧିକ ୧୧୦ କି.ମି. ପରିଲକ୍ଷିତ ହୋଇଥିଲା ।

ସେହିପରି ଏହି ସମୟ ମଧ୍ୟରେ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଥଣ୍ଡା/କୋହଲା ପବନ ଘଂଟା ପ୍ରତି ୪୦ ରୁ ୫୦ କି.ମି. ଏପରିକି ୬୦ କି.ମି. ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା । ଏହି ବାତ୍ୟାର ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, ଯାଜପୁର, ପୁରୀ, କଟକ, ମୟୁରଭଞ୍ଜ, ଖୋର୍ଦ୍ଧା ଓ କେଉଁଝର ଜିଲ୍ଲାରେ ବର୍ଷା ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ୍ ରେ ୧୮୦ ମି.ମି., ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକରେ ୧୫୦.୧ ମି.ମି. ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ୍ ରେ ୧୩୬ ମି.ମି. ବର୍ଷାର ପରିମାଣ ରେକର୍ଡ଼ କରାଯାଇଛି । ସେହିପରି ଜଗତସିଂହପୁର ଜିଲ୍ଲାର ତିର୍ତୋଲ ବ୍ଲକ ରେ ୧୦୦ ମି.ମି. ଏରସମାରେ ୮୧ ମି.ମି. କୁଜଙ୍ଗରେ ୬୪ ମି.ମି., ବାଲିକୁଦାରେ ୫୬ ମି.ମି. ବର୍ଷା, କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକରେ ୮୯.୦ ମି.ମି., ମହାକାଳପଡ଼ା ବ୍ଲକରେ ୭୫ ମି.ମି., ଭଦ୍ରକ ଜିଲ୍ଲାର ଭଦ୍ରକ ବ୍ଲକରେ ୭୨.୦ ମି.ମି., ବାଲେଶ୍ୱର ଜିଲ୍ଲା ।ର ଭୋଗରାଇ ବ୍ଲକରେ ୫୨.୨ ମି.ମି. ଏବଂ ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକରେ ୫୧.୦ ମି.ମି. ବର୍ଷା ହୋଇଛି ।

ବାତ୍ୟା ଜନିତ ବର୍ଷା ଓ ପବନ ଯୋଗୁଁ ୬ଟି ଜିଲ୍ଲା ଯଥା- ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ମୟୁରଭଞ୍ଜ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାରେ ଧନଜୀବନ କ୍ଷତିଗ୍ରସ୍ତ ହୋଇଅଛି । ପ୍ରାଥମିକ ତଥ୍ୟ ଅନୁଯାୟୀ ଜଗତସିଂହପୁର ଜିଲ୍ଲାର ସମସ୍ତ ୮ଟି ବ୍ଲକ ଓ ୨ ଟି ପୌରପରିଷଦ କ୍ଷତିଗ୍ରସ୍ତ ହୋଇଅଛି । ଜଗତସିଂହପୁର, ଯାଜପୁର. କେନ୍ଦ୍ରପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଉପକୂଳ ଅଂଚଳରେ ପବନ ଯୋଗୁଁ ବହୁତ ଗଛ ଉପୁଡ଼ି ଯାଇଛି ଓ ବହୁତ ଗଛର ଡାଳ ଭାଙ୍ଗିଯାଇ ଗମନାଗମନ ବିଛିନ୍ନ ହୋଇଅଛି । ସେହିପରି କେତେକ ଅଂଚଳରେ ବିଦ୍ୟୁତ୍ ଖୁଂଟ ମଧ ଉପୁଡିଯାଇ ଯାତାୟତର ଅସୁବିଧା ପରିଲକ୍ଷିତ ହୋଇଅଛି ।

ବର୍ଷା ଓ ପବନ ଯୋଗୁଁ ଉପକୂଳବର୍ତୀ ଜିଲ୍ଲାଗୁଡ଼ିକରେ ଧାନ ଓ ଅଣଧାନ ଫସଲ କ୍ଷତିଗ୍ରସ୍ତ ହୋଇଅଛି। ପ୍ରାଥମିକ ଚାକ୍ଷୁଷ ଆକଳନ ଅନୁଯାୟୀ ପ୍ରାୟ ୬ ଲକ୍ଷ ହେକ୍ଟର ଚାଷ ଜମିରୁ ଶତକଡ଼ା ୩୫ ରୁ ୪୦ ଭାଗ ଚାଷ ଜମିରେ ଫସଲହାନୀ ହୋଇଥିବାର ଜଣାପଡ଼େ। ଏ ସମ୍ପର୍କରେ ଆଜି କେନ୍ଦ୍ର ସରକାରଙ୍କ କ୍ୟାବିନେଟ

ସଚିବଙ୍କ ସହିତ ଭିଡ଼ିଓ କନଫରେନସିଂ ମାଧ୍ୟମରେ ଅବଗତ କରାଯାଇଅଛି । କ୍ୟାବିନେଟ ସଚିବଙ୍କ ସହିତ ଆଲୋଚନା ସମୟରେ, ଫସଲ କ୍ଷୟକ୍ଷତିର ଆକଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ଅନୁଧ୍ୟାନକାରୀ ଦଳ ରାଜ୍ୟକୁ ପଠାଇବା ପାଇଁ ଅନୁରୋଧ କରାଯାଇଛି ।

## ୫-ଟି ଓ କେନ୍ଦ୍ରୀୟ ଧନ ରାଶି ଜାରୀ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, (ପିଏନ)- ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ନୂଆଦିଲ୍ଲୀ ଠାରେ କେନ୍ଦ୍ରୀୟ ଅନୁଦାନ ଯୋଜନାରେ କେନ୍ଦ୍ରୀୟ ଧନରାଶି ଜାରୀ ସମ୍ପର୍କରେ ଓ ୫- ଟି ସମ୍ପର୍କରେ ସମୀକ୍ଷା କରିଛନ୍ତି ।ଏହି ବୈଠକରେ କେନ୍ଦ୍ରୀୟ ଯୋଜନା ମାନଙ୍କରେ ଚଳିତ ମାସ ନଭେମ୍ବର ସୁଦ୍ଧା ୭୫୪୪ କୋଟି ଟଙ୍କା ଜାରୀ କରା ଯାଇଥିବା ନେଇ ତାଙ୍କୁ ସୂଚନା ଦିଆ ଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ନରେଗା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଦିରେ ଏହି ରାଶି ଜାରୀ କରା ଯାଇଛି । ବକାୟା ଟଙ୍କାକୁ ଶୀଘ୍ର ପ୍ରାପ୍ତ କରିବା ପାଇଁ ସେ ନିରନ୍ତର ଯୋଗାଯୋଗ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ବାଦ ମୁଖ୍ୟମନ୍ତ୍ରୀ ଫାଇଭ ଟି ର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ ।

# ଆନ୍ଧ୍ରପ୍ରଦେଶ ଗସ୍ତର ଦ୍ୱିତୀୟ ଦିନରେ ଭାଇଜାଗ ଇସ୍ପାତ କାରଖାନା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ବିଶାଖାପାଟଣା, (ପିଏନ)- ପୂର୍ବ ଭାରତରେ ଅଧିକ ଇସ୍ପାତ୍ ଉତ୍ପାଦନ ହେଉଥିବା କାରଣରୁ ପୂର୍ବ ଭାରତକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । କାରଣ ଭାରତର ବିଭିନ୍ନ ଅଂଚଳରୁ ଉତ୍ପାଦିତ ହେଉଥିବା ଇସ୍ପାତର ପରିମାଣ ତୁଳନାରେ ଅଧିକ ଭାଗ ପୂର୍ବ ଭାରତର ରହିଥାଏ । ଆନ୍ଧ୍ରପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଷ୍ଟ୍ରୀୟ ଇସ୍ପାତ୍ ନିଗମ(ଆରଆଇଏନଏଲ)ର ଭାଇଜାଗ ଇସ୍ପାତ କାରଖାନା ପରିଦର୍ଶନ କରିବା ପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଭାଇଜାଗ ଇସ୍ପାତ୍ କାରଖାନାର ପରିଚାଳନା କାର୍ଯ୍ୟକୁ ଦେଖିବା ସହ ଇସ୍ପାତ୍ ତିଆରି କାମ ସମ୍ବନ୍ଧରେ ପଚାରି ବୁଝିଥିଲେ । ଇସ୍ପାତ୍ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପ୍ରଧାନଙ୍କ ଏହା ପ୍ରଥମ ଭାଇଜାଗ ଗସ୍ତ ଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କ୍ଷେତ୍ର ସମେତ ଆନ୍ଧ୍ରପ୍ରଦେଶ, ଓଡିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ଛତିଶଗଡକୁ ଆର୍ଥିକ କ୍ଷେତ୍ର ବନାଇବା ଦିଗରେ କାମ କରୁଅଛୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣରେ ଭାରତକୁ ୫ ଟ୍ରିଲିୟନ ଅର୍ଥନୀତି ଲକ୍ଷ୍ୟ ହାସଲ କରିବାରେ ପୂର୍ବ ଭାରତର ଅଧିକ ଯୋଗଦାନ ରହିବ । ନୂଆ ଭାରତ ନିର୍ମାଣରେ ଆନ୍ଧ୍ରପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରାଳୟ ଆନ୍ଧ୍ରରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ତିଆରି କରିବାର ଯୋଜନା ରଖିଛନ୍ତି । ଯେଉଁ ସବୁ ପ୍ରକଳ୍ପ ଆଂଚଳିକ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ତ୍ୱରାନ୍ୱିତ କରାଇବ ବୋଲି ସେ କହିଛନ୍ତି ।ସେହିପରି ଶ୍ରୀ ପ୍ରଧାନ ଏକ କାର୍ଯ୍ୟକ୍ରମରେ ଆରଆଇଏନଲର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବରିଷ୍ଠ ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ । ନୂଆ ଭାରତ ନିର୍ମାଣରେ ଆରଆଇଏନଏଲର ଭୂମିକା ଉପରେ ଆଲୋକପାତ କରିଥିଲେ । ଆରଆଇଏନଏଲ ସଂସ୍ଥା ଆଂଚଳିକ ଅର୍ଥନୀତିକୁ ମଜବୁତ୍ କରିବାରେ ସହାୟକ ହେଉଛି ବୋଲି ସେ କହିଥିଲେ ।












ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ମୁସଲମାନ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ ।
ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ ।
ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ଫାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପିଆରଏମ ମେଡ଼ିକାଲ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବିଫଳ

ବାରିପଦା,(ପିଏନ)- ଜନସାଧାରଣଙ୍କ ମୌଳିକ ଅଧିକାର ମଧ୍ୟରେ ସ୍ୱାସ୍ଥ୍ୟସେବା ଅନ୍ୟତମ । ରୋଗୀଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ ଓ କର୍ତବ୍ୟ । ଏଥିନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଇ ଆସୁଛନ୍ତି । ସେହିପରି ବର୍ତମାନର ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନବ କୁମାର ଦାସ ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଆଣିବା ପାଇଁ କେତେକ ପ୍ରଶଂସନୀୟ ପଦକ୍ଷେପମାନ ଗ୍ରହଣ କରିଛନ୍ତି । କିନ୍ତୁ ସରକାରୀ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା ଡ଼ାକ୍ତରମାନଙ୍କ ନିକଟରେ ସେବା ମନୋବୃତି ଆସ୍ତେ ଆସ୍ତେ ହଜିବାକୁ ବସିଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛି । ଫଳରେ ଘରୋଇ ହସପିଟାଲ ଉପରେ ଭରସା କରି ଶୋଷଣର ଶିକାର ପାଲଟି ଯାଉଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମାସ୍ଥିତ ପିଆରଏମ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲରେ । ବାରିପଦା ପିଆରଏମ୍ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲରେ ବିପର୍ଯ୍ୟସ୍ତ ରୋଗୀସେବା ସହ ଚିକିତ୍ସା ଅବହେଳାରୁ ରୋଗୀର ମୃତ୍ୟୁ ହେଉଥିବାର ସଙ୍ଗୀନ ଅଭିଯୋଗ ଆସୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସରକାର, ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ନିଘା ନାହିଁ କି ପଘା ନୀତିକୁ ଆପଣେଇ ନେଉଥିବାରୁ ଡ଼ାକ୍ତର ଓ ସ୍ୱାସ୍ଥ୍ୟସେବୀକାମାନେ ଦିନକୁ ଦିନ ସ୍ୱେଚ୍ଛାଚାରୀ ହୋଇପଡୁଛନ୍ତି । ଜନସାଧାରଣଙ୍କ ନିକଟରୁ ଟିକସ ସୂତ୍ରରେ ଆଦାୟ ଅର୍ଥରେ ସେମାନେ ରୋଗୀସେବା ଯୋଗାଇ ଦେବା ନିମନ୍ତେ ଦରମା ନେଉଥିବା ବେଳେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଘୋର ଅବହେଳା ପ୍ରଦର୍ଶନ ସହ ରୋଗୀର ଜୀବନ ସହ ଖେଳ ଖେଳୁଥିବା କାରଣରୁ ରୋଗୀକୁ ମେଡ଼ିକାଲରୁ ଡ଼ିସଚାର୍ଯ୍ୟ କରାଇ ବାଲେଶ୍ୱରସ୍ଥିତ ଜ୍ୟୋତି ହସପିଟାଲରେ ଭର୍ତି କରାଇବା ବାଧ୍ୟ ହୋଇଥିବାର ସଙ୍ଗୀନ ଅଭିଯୋଗ ଆଣିଛନ୍ତି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ରାହୁଲ ବେହେରା । ଶ୍ରୀବେହେରା ଆମ ମୟୂରଭଞ୍ଜ ଜିଲ୍ଲାପ୍ରତିନିଧିଙ୍କ ନିକଟକୁ ସାମାଜିକ ଗଣମାଧ୍ୟମରେ ଜଣାଇଥିବା ଅଭିଯୋଗ ଆଧାରରେ ଅଗଷ୍ଟ ୨୮ ବୁଧବାର ଅପରାହ୍ନ ତାଙ୍କର ଭଉଣୀଙ୍କ ପେଟ ଯନ୍ତ୍ରଣା ସହ ବାନ୍ତି ହେବାରୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ବାରିପଦା ପିଆରଏମ୍ ମେଡ଼ିକାଲରେ ଭର୍ତି କରାଇଥିଲେ ଏବଂ ସର୍ଜିକାଲ ୱାର୍ଡ଼ ବେଡ଼ ନଂ ଏସ-୬୪ରେ ରହିଥିଲେ । ଅଗଷ୍ଟ ୨୯ ସକାଳ ସମୟରେ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀର ବିଭିନ୍ନ ପରୀକ୍ଷା କରାଇବା ପରେ ଆପଣ୍ଡିସାଇଟିସ୍ ହୋଇଥିବାର ଜଣାପଡ଼ିଥିଲା । କିନ୍ତୁ ଚିକିତ୍ସା କରୁଥିବା ଡ଼ାକ୍ତର ରୋଗୀର ଅପରେସନ କରାଇବା ବଦଳରେ ଏକ ମାସ ପରେ ସିରିଆଲ ଆସିଲେ ଅପରେସନ କରାଯିବ ବୋଲି କହିଥିଲେ । ରାତି ପ୍ରାୟରେ ସାଢ଼େ ୯ ପାଖାପାଖି ରୋଗର ପେଟରେ ଯନ୍ତ୍ରଣା ଅଧିକ ହେବାରୁ ହସପିଟାଲ ଇମରଜେନ୍ସି ୱାର୍ଡ଼ରେ ଡ଼ାକ୍ତର କିମ୍ବା ସ୍ୱାସ୍ଥ୍ୟସେବୀକାଙ୍କୁ ଖୋଜିବାରୁ ସେମାନଙ୍କ ସାକ୍ଷାତ ମିଳିପାରିନଥିଲା । ହସପିଟାଲରେ ଏଡ଼ିଏମଓ, ସିଡ଼ିଏମଓ ଏବଂ ମେଡ଼ିକାଲ ସୁପାରିଟେଣ୍ଡେଂଟଙ୍କୁ ଖୋଜିଲେ ମଧ୍ୟ ସେମାନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଥିଲା । ଏହି ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କୁମାର ଦାସଙ୍କୁ ଯୋଗାଯୋଗ ନିମନ୍ତେ ବାରମ୍ବାର ଉଦ୍ୟମ କରି ବିଫଳ ହେବାରୁ ଉକ୍ତ ନମ୍ବରକୁ ଏକ ମେସେଜରେ ଘଟଣା ଉପରେ ଚୁମ୍ବକରେ ସୂଚନା ଦେଇଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରୁ ଉତର ମିଳିନଥିଲା । ଏଣେ ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା କ୍ରମଶଃ ବିଗିଡ଼ିବାକୁ ଯାଉଥିବାରୁ ଅଧିକ ଦିନ ଅପେକ୍ଷା ନକରି ପିଆରଏମ ମେଡ଼ିକାଲରୁ ରୋଗୀକୁ ସେପ୍ଟେମ୍ବର ୨ ସୋମବାର ପୂର୍ବାହ୍ନରେ ଡ଼ିସଚାର୍ଯ୍ୟ କରାଇ ବାଲେଶ୍ୱର ଜ୍ୟୋତି ହସପିଟାଲରେ ଭର୍ତି କରାଇବାକୁ ବାଧ୍ୟ ହେଲୁ ଏବଂ ଡ଼ିସଚାର୍ଯ୍ୟ କରାଇବା ସମୟରେ ରୋଗୀର ସମସ୍ତ ରିପୋର୍ଟ ଆଦିକୁ ରଖି ନେଇଥିଲେ ବୋଲି ରାହୁଳ ବେହେରା ଅଭିଯୋଗ କରିଛନ୍ତି । ଏବିଷୟରେ ହସପିଟାଲ ସୁପାରିଟେଣ୍ଡେଂଟ ବୈକୁଣ୍ଠ ନାଥ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ଏବିଷୟରେ ସର୍ଜିକାଲ ୱାର୍ଡ଼ ଏଚଓଡ଼ିଙ୍କ ସହ କଥା ହୋଇଥିଲେ ଭଲ ହୋଇଥାନ୍ତା ।

# ନିଶିମଳା ସ୍କୁଲ ଫାଟକରେ ତାଲା ପଡ଼ିବାକୁ ବିଭିନ୍ନ ମହଲରେ ନିନ୍ଦା

ଚଣ୍ଡିଖୋଲ, ୯/୧୧(ପିଏନ)- ବଡ଼ଚଣା ବ୍ଲକ ଅର୍ନ୍ତଗତ ସୁଙ୍ଗୁଡ଼ା ପଞ୍ଚାୟତ ଅଧିନସ୍ଥ ନିଶିମଳା ନୋଡାଲା ଉ.ପ୍ରା ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ଘଟଣାକୁ ବହୁ ଛାତ୍ର, ଅବିଭାବକ ଓ ଗ୍ରାମବାସୀ ଦୃଢ ନିନ୍ଦା କରିବା ସହିତ ଏହା କେତେକ ନ୍ୟସ୍ତ ସ୍ୱାର୍ଥ ଓ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବୋଲି ପ୍ରକାଶ କରିଛନ୍ତି । ଦୀର୍ଘ ୪ ବର୍ଷ ହେଲା ଉକ୍ତ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ କରାଯାଇ ପାରି ନାହିଁ । ପ୍ରଧାନ ଶିକ୍ଷକ ଓ ବ୍ଲକ ଶିକ୍ଷା ମଣ୍ଡଳ ପକ୍ଷରୁ ବାରମ୍ବାର ଉଦ୍ୟମ ସତ୍ୱେ ଏଠାରେ କମିଟି ଗଠନ କରାଯାଇ ପାରିନାହିଁ । କେତେକ ମୁଷ୍ଠିମେୟ ଲୋକ ଓ ଅଣ ଅବିଭାବକ ପ୍ରତ୍ୟେକ ଥର କମିଟି ଗଠନ ତାରିଖ ଦିନ ମଦ୍ୟପାନ କରି ସ୍କୁଲ ପରିସରରେ ଅପ୍ରିତି କର ପରିସ୍ଥିତି ସୃଷ୍ଟି କରି ପ୍ରଧାନ ଶିକ୍ଷକ ଓ ଅବିଭାବକ ମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ କମିଟି କୁ ନିଜ ସପକ୍ଷରେ ନେବା କୁ ଚେଷ୍ଟା କରି ବିଫଳ ହେବାରୁ ସେଠାରେ ଅପ୍ରିତି କର ପରିସ୍ଥିତି ସୃଷ୍ଟି କରି କମିଟି ଗଠନରେ ବାଧା ସୃଷ୍ଟି କରୁଛନ୍ତି । ଥରେ ୧୨ ଜଣ ସଦସ୍ୟ ଭିତରୁ ୧୦ ଜଣ ସଦସ୍ୟ ମନୋନୀତ



ହୋଇ ସାରିବା ପରେ ସେମାନଙ୍କ ସପକ୍ଷରେ ନଯିବାରୁ କମିଟି ଗଠନରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିଦେଲେ । ପରବର୍ତ୍ତୀ ସମୟରେ ଆବଶ୍ୟକ ଅବିଭାବକ ଥିବା ସ୍ଥଳେ କମିଟି ଗଠନ ସମୟରେ କେତେକ ଅବିଭାବକ ଙ୍କୁ ଟଙ୍କା ଯାଚିବାରୁ ସେମାନେ ବୈଠକରୁ ଉଠି ପଳାଇଥିଲେ । ଏହି ଅସାମାଜିକ ବ୍ୟକ୍ତି ମାନଙ୍କରେ ପିଲଶ ମାନେ ଏଠାରେ ପଢୁନାହାନ୍ତି । ସେମାନେ ସବୁ ସମୟରେ ଏଠାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଗତ ୭/୧୧/୨୦୧୯ରିଖ ଗୁରୁବାର କମିଟି ଗଠନ ପାଇଁ ଅବିଭାବକ ମାନଙ୍କୁ ନୋଟିସ ହୋଇଥିଲା । ମାତ୍ରବର୍ତ୍ତମାନ କାର୍ତ୍ତିକ ମାସ, ଉକ୍ତ ଦିନ ସୁଦଶା ବ୍ରତ ଗୁରୁବାର, ପରଦିନ ପଞ୍ଚୁକ ଏଣୁ ବହୁ ମହିଳା ଓ ଅବିଭାବକ ବୈଠକକୁ ନ ଆସିବା ପାଇଁ ସ୍ଥିର କଲେ । ଏଥି ସହ ବାତ୍ୟାର ଆଶଙ୍କା ଓ ବର୍ଷା ସମ୍ଭାବନାକୁ ଆଖି ଆଗରେ ରଖି ବହୁ ଅବିଭାବକ ବୈଠକକୁ ବାତିଲ କରିବାକୁ ମନସ୍ତ କରି ବ୍ଲକ ଶିକ୍ଷାଧିକାରିଣୀଙ୍କୁ ୭ ତାରିଖ ବୈଠକ ବାତିଲ କରିବାକୁ ଲିଖିତ ଅଭୀଯୋଗ କରିଥିଲେ । ଫଳ ସ୍ୱରୂପ ବ୍ଲକ ଶିକ୍ଷାଧିକାରିଣୀ ସହ ଶିକ୍ଷା ଅଧିକାରିଙ୍କ ଜରିଆରେ ନିଶିମଳା ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ୭ ତାରିଖ ବୈଠକ ବାତିଲ ପାଇଁ ଫୋନ ଯୋଗେ ଜଣାଇଥିଲେ । ଏଣୁ ପ୍ରଧାନ ଶିକ୍ଷକ ଉକ୍ତ ଦିନ କମିଟି ବାତିଲ ଘୋଷଣା କରିଥିଲେ । ମାତ୍ର କେତେ ଜଣ ହାତ ଗଣତି ଅବିଭାବକ ଓ ବହୁ ଅଣ ଅବିଭାବକ ବିଦ୍ୟାଳୟରେ ପହଞ୍ଚି ପ୍ରକୃତ ତଥ୍ୟ ନବୁଝି ପ୍ରଧାନ ଶିକ୍ଷକଙ୍କୁ ଗାଳି ଗୁଲଜ କରିବା ସହ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ସ୍କୁଲ ଭିତରେ ରଖି ମୁଖ୍ୟ ଫାଟକରେ ତାଲା ପକାଇଦେଇଥିଲେ । ଓ ବହୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ୪ ଟା ବାଜିବା ପରେ ପୁନଶ୍ଚ ତାଲା ଖୋଲି ଶିକ୍ଷକ ମାନଙ୍କୁ ଛାଡ଼ିବା ପରେ ପୁଣି ଥରେ ପର ଦିନ ପର୍ଯ୍ୟନ୍ତ ଫାଟକରେ ତାଲା ପକାଇ ରଖିଥିଲେ । ଏହି ତାଲା ପକା ଘଟଣାକୁ ଗ୍ରାମର ବହୁ ଅବିଭାବକ ଓ ଗ୍ରାମ ବାସୀ ଦୃଢ ନିନ୍ଦା କରିବା ସହ ବିଦ୍ୟାଳୟ ପରି ପବିତ୍ର ଅନୁଷ୍ଠାନରେ ଏପରି କାର୍ଯ୍ୟ କରିବା ଅସଭ୍ୟ ଓ ଅମଣିଷର କାର୍ଯ୍ୟ ବୋଲି କହିବା ସହ ଉକ୍ତ କାର୍ଯ୍ୟକୁ ଦୃଢ ନିନ୍ଦା କରିବା ସହ ଯେଉଁ ମାନେ ଏହି କାର୍ଯ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ନିକଟରେ ଦାବୀ ଜଣାଇଛନ୍ତି ।

### ପଛୁଆ ଜିଲ୍ଲାର ଆଗୁଆ ଶିକ୍ଷକ

# ରାଜ୍ୟର ଏକମାତ୍ର ଶିକ୍ଷକ ଭାବେ ଗୁରୁ ଦିବସରେ ପାଇବେ ଜାତୀୟ ପୁରସ୍କାର

ଜୟପୁର, (ପିଏନ)- ପଛୁଆ ଜିଲ୍ଲାର ଆଗୁଆ ଶିକ୍ଷକ ରାଜ୍ୟର ଏକମାତ୍ର ଶିକ୍ଷକ ଭାବେ ଆସନ୍ତା ଗୁରୁ ଦିବସରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ତରଫରୁ ହେବେ ସମ୍ମାନୀତ । ଏହି ଶିକ୍ଷକ ଜଣକ ହେଉଛନ୍ତି କୋରାପୁଟ ଜିଲ୍ଲାର ଖଟଲୁଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଦାଶ । ଏହି ସମ୍ମାନ ପାଇଁ ସାରା ଦେଶରୁ ୪୫ଜଣ ମନୋନୀତ ହୋଇଥିବାବେଳେ ଏଥିରେ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଭାବେ ସେ ସ୍ଥାନ ପାଇଥିବାରୁ ଏବେ ତାଙ୍କ ନିକଟକୁ ଛୁଟିଛି ପ୍ରଶଂସକଙ୍କ ଶୁଭେଚ୍ଛା । ଆଉ ଏହାକୁ ନେଇ ପୁରା ସ୍କୁଲରେ ଏବେ ଖୁସିର ମାହୋଲ ।

କୋରାପୁଟ ଜିଲ୍ଲା ବିରିଗୁମ୍ମା ବ୍ଲକର ଖଟଲୁଗୁଡ଼ା ପ୍ରକଳ୍ପ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଦାଶ । ଆସନ୍ତା ଗୁରୁ ଦିବସ ଦିନ ଆଦର୍ଶ ଶିକ୍ଷକ ଭାବେ ଜାତୀୟ ସ୍ତରରେ ହେବେ ସମ୍ମାନୀତ । କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ତରଫରୁ ୪୫ଜଣ ଶିକ୍ଷକଙ୍କୁ ଏଥିପାଇଁ ମନୋନୀତ କରାଯାଇଥିବାବେଳେ ଆମ ରାଜ୍ୟରୁ କେବଳ ଜଣେ ମାତ୍ର ଶିକ୍ଷକ ଭାବେ ସେ ସ୍ଥାନ ପାଇଛନ୍ତି ମନୋନୀତ କରାଯାଇଥିବାବେଳେ ଆମ ରାଜ୍ୟରୁ କେବଳ ଜଣେ ମାତ୍ର ଶିକ୍ଷକ ଭାବେ ସେ ସ୍ଥାନ ପାଇଛନ୍ତି । ପୂର୍ବରୁ ସେ ବହୁବାର ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ପ୍ରଥମଥର ପାଇଁ ଏହି ସମ୍ମାନ ପାଇବେ । ବୋରିଗୁମ୍ମାର ଜନ୍ମିତ ପବିତ୍ର ମୋହନ ଜୟପୁର ବିକ୍ରମଦେବ କଲେଜରେ ପାଠପଢ଼ା ସରିବା ପରେ ୨୦୦୧ ମସିହାରୁ ଶିକ୍ଷକତା ଆରମ୍ଭ କରିଥିଲେ । ତେବେ ୨୦୧୪ ମସିହାରୁ ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ସେ ବିଜ୍ଞାନ, ଗଣିତ ସହ ଇଂରାଜୀ ପଢ଼ିବାରେ କୃତିତ୍ୱ ହାସଲ କରିଛନ୍ତି । ପିଲାମାନେ ଯେପରି ସରଳ ଭାଷାରେ ବୁଝିପାରିବେ ସେଥିପାଇଁ ସେ ଅନେକ ପୁସ୍ତକ ରଚନା କରିଛନ୍ତି ।

ସେହିପରି ସେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଯୋଗଶିକ୍ଷା ବି ଦିଅନ୍ତି । ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ୨୦୧୬ରେ ରାଜ୍ୟ ସ୍ତରରେ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ସହ ୨୦୧୪ରେ ପ୍ରକୃତି ବନ୍ଧୁ ଓ ୨୦୧୬ରେ ପ୍ରକୃତି ମିତ୍ର ସମ୍ମାନରେ ବି ସମ୍ମାନୀତ ହୋଇଛନ୍ତି । ଏହି ଜାତୀୟ ସମ୍ମାନ ଛାତ୍ରଛାତ୍ରୀମାନଙ୍କ ପାଇଁ ଆହୁରି ଅଧିକ ଗବେଷଣା କରିବାକୁ ତାଙ୍କୁ ଆଗ୍ରହ ବଢ଼େଇବ ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ ପବିତ୍ର ମୋହନ । ଏହି ସମ୍ମାନ ପାଇଁ ଶିକ୍ଷକ ପବିତ୍ର ମୋହନ ମନୋନୀତ ହେବାପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମନରେ ବେଶ୍ ଖୁସିଥିବା ଦେଖିବାକୁ ମିଳିଛି । ଶିକ୍ଷକ ଅତି ସରଳ ପଦ୍ଧତିରେ କଠିନ ଗଣିତ ଓ ବିଜ୍ଞାନ ବିଷୟ ବୁଝେଇ ଦେଉଥିବା କହିଛନ୍ତି ଛାତ୍ରଛାତ୍ରୀ । ତାଙ୍କ ପାଠ ପଢ଼ାକୁ ଧ୍ୟାନର ସହ ଶୁଣୁଥିବାବେଳେ ଏହା ତାଙ୍କ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା କହିଛନ୍ତି ଛାତ୍ରଛାତ୍ରୀ ।

ସେପଟେ ଦିନକୁ ଦିନ ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମୁଥିବାବେଳେ ପବିତ୍ର ମୋହନଙ୍କ ଜାତୀୟସ୍ତରରେ ଏହି ମୋନାନୟନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆକୃଷ୍ଟ କରିବ ବୋଲି କହିଛନ୍ତି ବିଦ୍ୟାଳୟର କାର୍ଯ୍ୟରତ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ । ପ୍ରକାଶ ଥାଉକି ଗତ ବର୍ଷ ରାଜ୍ୟର ଏକମାତ୍ର ଶିକ୍ଷକ ଭାବେ ଜୟପୁର ସରକାରୀ ହାଇସ୍କୁଲର ଶିକ୍ଷକ ଓମପ୍ରକାଶ ମିଶ୍ର ଏହି ସମ୍ମାନ ପାଇଥିଲେ ଆଉ ଶିକ୍ଷକ ପବିତ୍ର ମୋହନ ଏହି ବର୍ଷ ଏହି ସମ୍ମାନ ପାଇଁ ମନୋନୀତ ହେବା କେବଳ କୋରାପୁଟ ନୁହେଁ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।

### ସତଶିକ୍ଷା ଏବଂ ଶୃଙ୍ଖଳା ଜ୍ଞାନ ବଳରେ

# ଛାତ୍ରଛାତ୍ରୀ ସୁନାଗରିକ ହୋଇପାରିବ : ବାଚସ୍ପତି

ଭୁବନେଶ୍ୱର, (ପିଏନ): ଗଞ୍ଜାମ ଜିଲ୍ଲା ପୁରୁଷୋତମପୁ ବ୍ଲକ୍ ଅନ୍ତର୍ଗତ ଝାଡ଼ବାଇସ୍ଥିତ ଗୌରାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ମହୋତ୍ସବ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି । ସେହିଭଳି ବିଦ୍ୟାଳୟର ଉନ୍ନତିରେ ପୁରାତନ ଛାତ୍ରଛାତ୍ରୀ, ବର୍ତମାନର ଛାତ୍ରଛାତ୍ରୀ, ଅଭିଭାବକ ଓ ଜନସାଧାରଣଙ୍କ ସହଯୋଗ ରହିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ଶିକ୍ଷା ନିକେତନ ହେଉଛି ଏକ ମଣିଷଗଢ଼ା କାରଖାନା । ତେଣୁ ସେମାନଙ୍କୁ ସତଶିକ୍ଷା ଦେଲେ ଏବଂ ଶୃଙ୍ଖଳା ଜ୍ଞାନ ଦେଲେ ସେମାନେ ସୁନାଗରିକ ହୋଇ ଦେଶର ସୁନାମ ରଖିପାରିବେ । ସରକାରଙ୍କ ସାହାଯ୍ୟ ବିନା ମଧ୍ୟ ଶିକ୍ଷାନୁଷ୍ଠାନ ଚାଲିପାରିବ ଓ ଉତମ ଫଳ ପ୍ରଦର୍ଶନ କରିପାରିବ । ଏକ ବେସରକାରୀ ଶିକ୍ଷା ସଂଗଠନର ଉଦାହରଣ ଦେଇ ସେ ଏହା କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ କହିଲେ ଯେ ଶିକ୍ଷା ହେଉଛି ସମାଜର ଦର୍ପଣ । ପରାଧୀନ ଭାରତରେ ଶାସନ କରୁଥିବା ଇଂରେଜମାନେ ମଧ୍ୟ ଅନୁଭବ କରିଥିଲେ ଯେ, ଶିକ୍ଷାର ଉନ୍ନତି ବିନା ଭାରତକୁ ଶାସନ କରିବା ଅସମ୍ଭବ । ଶିକ୍ଷାର ଉନ୍ନତି ନଘଟିଲେ ଦେଶର ପ୍ରଗତି ହୋଇପାରିବ ନାହିଁ । ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି ଦିଗରେ ସମସ୍ତଙ୍କର ଭୂମିକା ରହିଛି । ଏହାଛଡ଼ା ଶ୍ରୀ ଦାଶ ବିଦ୍ୟାଳୟ ଗଣଶିକ୍ଷା ବିଭାଗର କାର୍ଯ୍ୟାବଳୀ ଓ ପ୍ରଚଳିତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । କବିସୂର୍ଯ୍ୟନଗର ବିଧାୟିକା ଶ୍ରୀମତୀ ଲତିକା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆସ୍କା ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ, ପୋଲସରା ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ଶ୍ରୀକାନ୍ତ ସାହୁ, ଖଲିକୋଟ ବିଧାୟିକା ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ, ଜିଲ୍ଲା ପରିଷଦ ଅଧକ୍ଷ ଓ ଉପାଧକ୍ଷା, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଆଦି ମାନ୍ୟଗଣ୍ୟ ବ୍ୟକ୍ତି ମଂଚାସୀନ ଥିଲେ । ଏହାଛଡ଼ା ବାଚସ୍ପତି ଡ. ପାତ୍ର ପୁରୁଷୋତମପୁର ବ୍ଲକ ପାଣ୍ଡିଆ ଠାରେ ଏକ କଲ୍ୟାଣ ମଣ୍ଡପ, ଅଙ୍ଗନବାଡ଼ି କେନ୍ଦ୍ର ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଦାଶ, ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ, ବିଧାୟିକା ଶ୍ରୀମତୀ ପ୍ରଧାନ, ଶ୍ରୀମତୀ ବୈଦ୍ୟ, ବିଧାୟକ ଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭସାଣୀ ଶୋଭାଯାତ୍ରାରେ କମ୍ପିଲା ସହର

ବାଲେଶ୍ୱର,(ପିଏନ୍) : ବାଲେଶ୍ୱର ସହରରେ ପ୍ରଥମ ପର୍ଯ୍ୟାୟ ଭସାଣୀ ଉତ୍ସବ ବୁଧାବର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବାଜା, ବାଣ, ଗୀତ ଓ ନୃତ୍ୟର ତାଳେ ତାଳେ ଗଜାନନଙ୍କୁ ଭସାଣୀ ପାଇଁ ନେଉଥିବା ବହୁ କ୍ଲବର କର୍ମକର୍ତ୍ତା । ଡିଜେ ସାଉଣ୍ଡରେ ମତୁଆଲା ହୋଇ ନୃତ୍ୟ କରୁଥିଲେ । ଉଚ୍ଚ ଶବ୍ଦରେ ଡାକବାଜି ଯନ୍ତ୍ର ବଜାଇବାକୁ ପ୍ରଶାସନ ପକ୍ଷରୁ କଟକଣା ରହିଥିଲେ ମଧ୍ୟ ଏହାକୁ ବେଖାତିର କରାଯାଇଥିଲା । ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ମଧ୍ୟ ବାଦ୍ ପଡିନଥିଲା । ପୁଲିସ ପ୍ରଶାସନିକ ଅଧିକାରୀ ଓ ଶାନ୍ତି କମିଟିର ସଦସ୍ୟମାନେ ଏହା ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ । ତେବେ ପ୍ରଥମ ପର୍ଯ୍ୟାୟ ଭସାଣୀ ଉତ୍ସବରେ ଟାଉନ ଥାନା ଅଞ୍ଚଳରେ ୨୫ଟି ମେଢ ଶୋଭାଯାତ୍ରାରେ ସାମିଲ ହୋଇଥିଲା ବେଳେ ବାଲିଘାଟସ୍ଥିତ ଅସ୍ଥାୟୀ ପୋଖରୀରେ ସେଗୁଡିକୁ ବିସର୍ଜନ କରାଯାଇଥିଲା । ଅନ୍ୟପଟେ ସହଦେବଖୁଣ୍ଟା ମଡେଲ ଥାନା ଅଞ୍ଚଳରୁ ୧୪ଟି ମେଢ ନୁଣିଆଯୋଡି ଘାଟରେ ବିସର୍ଜନ କରାଯାଇଥିଲା । ତେବେ ଉଭୟ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିରୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୂତୟନ କରାଯାଇଥିଲା । ଏହି ଭସାଣୀରେ ୫ ଜଣ ଇନ୍ସପେକ୍ଟର, ୫୨ ପୁଲିସ ଅଧିକାରୀଙ୍କ ସହିତ ୯ ପ୍ଲାଟୁନ୍ ଫୋର୍ସ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୧୩୦ ହୋମଗାର୍ଡ ମୂତୟନ ହୋଇଥିବା ଜଣାପଡିଛି ।

# ଅନ୍ନପାଳ-ରାଜୁଆଳିବିନ୍ଧା ଓ ଆର.ଆଇ.ଅଫିସ୍‌ଠାରୁ ଦେଉଳପାଳ ବାରିକ୍‌ପୁର ପର୍ଯ୍ୟନ୍ତ ରାସ୍ତାର ଦୂରାବସ୍ଥା

ଭଦ୍ରକ, (ପିଏନ)- ଭଦ୍ରକ ପଂଚାୟତ ସମିତି ଅନ୍ତର୍ଗତ ଅନ୍ନପାଳ- ରାଜୁଆଳିବିନ୍ଧା (ରାଜମୁକୁନ୍ଦପୁର) ଓ ଆରଆଇ ଅଫିସ୍ ଠାରୁ ଦେଉଳପାଳ (ବାରିକ୍‌ପୁର) ପର୍ଯ୍ୟନ୍ତ ଆର.ଡ଼ି. ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ଏହି ୯କି.ମି. ରାସ୍ତାଦେଇ ପ୍ରତ୍ୟେକ ଦିନ ଭଦ୍ରକ, ତିହିଡ଼ି, ଧାମନଗର ତିନୋଟି ବ୍ଲକର ପ୍ରାୟ୧୦ଟି ପଂଚାୟତର ଶହଶହ ଲୋକମାନେ ଦୈନନ୍ଦିନ ଯାତାୟାତ କରିଥାନ୍ତି । ଏତଦ୍ ବ୍ୟତୀତ ଅନ୍ନପାଳ, ତଳଗୋପବିନ୍ଧା, ବିଲଣା, କୁବେରା ଓ କଟସାହି ଗ୍ରା.ପ.ର ୩୦ରୁ ଉର୍ଦ୍ଧ୍ୱ ଗ୍ରାମାବାସୀମାନେ ଜିଲ୍ଲା କାର୍ଯ୍ୟାଳୟ ,ପଂଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସ୍କୁଲ, କଲେଜ, କୋର୍ଟ କଚେରୀ, ମେଡ଼ିକାଲକୁ ଯାତାୟାତ କରନ୍ତି । ପ୍ରକାଶ ଥାଉକି ଭଦ୍ରକ ଗ୍ରାମ୍ୟଉନ୍ନୟନ ବିଭାଗ ଆରଡି-.୧ ଅଧିନରେ ଅନ୍ନପାଳଠାରୁ ରାଜମୁକୁନ୍ଦପୁର ପର୍ଯ୍ୟନ୍ତ ୫କି.ମି. ରାସ୍ତା ଏବଂ ଆର.ଆଇ ଅଫିସ ଠାରୁ ଦେଉଳପାଳ ବାରିକ୍‌ପୁର ପର୍ଯ୍ୟନ୍ତ ୪କି.ମି.ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ଅନ୍ତର୍ଭୂକ୍ତ ଅଟେ । ଏହି ରାସ୍ତାଟି ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ନିର୍ମାଣ ହୋଇଥିଲା । ନିର୍ମାଣପରେ ରାସ୍ତାର ରକ୍ଷଣାବେକ୍ଷଣର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ମରାମତି ଅଭାବରୁ ରାସ୍ତାଟି ଜରାଜିର୍ଣ୍ଣ ହୋଇପଡ଼ିଛି । ଏହି ରାସ୍ତାଟି ମରଣ ଯନ୍ତ୍ରାରେ ପାଲଟି ଯାଇଛି । ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହେବାସଙ୍ଗେ ସଙ୍ଗେ ଦୁର୍ଘଟଣା ସମୟରେ ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଆସି ପାରୁ ନାହିଁ । ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମିବା ସହ ଖାଲଖମରାରେ ଯାତ୍ରୀମାନେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି । ଗ୍ରାମାଂଚଳ ରାସ୍ତାର ନିର୍ମାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଜିଲ୍ଲାର ସଦର ମହକୁମା ଠାରୁ ମାତ୍ର ୧୦କି.ମି. ଦୂରରେ ଥିବା ଏହି ରାସ୍ତାର ଅବସ୍ଥା ଏଭଳି ଯେ ଯାହାକୁ ନେଇ ଭାରତୀୟ ଜନତାପାଟି ସାତଭଉଣୀ ମଣ୍ଡଳ ପକ୍ଷରୁ କର୍ମକର୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ସାତଭଉଣୀମଣ୍ଡଳର ସଭାପତି ଆଦିକନ୍ଦ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବୀଉପସ୍ଥାପନା କରିଛନ୍ତି । ଉକ୍ତ ରାସ୍ତାଟି ଯଥାଶୀଘ୍ର ମରାମତି କରାନଗଲେ ମଣ୍ଡଳ ପକ୍ଷରୁ ଆଗାମୀ ଦିନରେ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିନୋଦ କୁମାର ନାୟକ, ନରହରି ବିଶ୍ୱାଳ, ଗୋପାଳ ଚନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ଜେନା, ପ୍ରହ୍ଲାଦ ସ୍ୱାଇଁ, ସୁରେନ୍ଦ୍ର ଦାସ, ଉମେଶ ଚନ୍ଦ୍ର ଗୁପ୍ତା, ଅଲେଖ ମହାଳିକ, ଅରକ୍ଷିତ ସାହୁ, ମହେନ୍ଦ୍ର ମହାଳିକ, ଉମାକାନ୍ତ ମହାଳିକ, ଗୋପବନ୍ଧୁ ମହାଳିକ, ବୈକୁଣ୍ଠ ନାଥ ଜେନା ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ ।

# ବନ୍ଧୁକ ମୁନରେ ଲୁଟିନେଲେ ୧୪ ଲକ୍ଷ

ଝାରସୁଗୁଡା ,(ପିଏନ)-ଝାରସୁଗୁଡା ବେଲପାହାଡସ୍ଥିତ ଗୁମାଡେରାରେ ଥିବା ଆକ୍ସିସ୍ ବ୍ୟାଙ୍କରୁ ଆଜି ଅପରାହ୍ନରେ ବନ୍ଧୁକ ଦେଖାଇ ଦୁର୍ବୃତମାନେ ୧୪ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି ।

ବୁଧବାର ଅପରାହ୍ନ ୨ଟାରେ ୬ଜଣ ଦୁର୍ବୃତ ମୁଖାପିନ୍ଧି ଏକ ନମ୍ବର ବିହୀନ ସ୍କର୍ପିଓ ଗାଡ଼ିରେ ଆସିଥିଲେ । କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତମାନେ ଆକ୍ସିସ୍ ବ୍ୟାଙ୍କ୍ ଭିତରେ ପଶି ଯାଇଥିଲେ ଏବଂ ଗୁଳି ଫୁଟାଇ ସମସ୍ତଙ୍କୁ ଭୟଭୀତ କରି ୧୪ଲକ୍ଷରୁ ଅଧିକ ଲୁଟିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଦୁର୍ବୃତଙ୍କ ମାଡରେ ଆକ୍ସିସ୍ ବ୍ୟାଙ୍କ ମ୍ୟାନେଜର ମନୋଜ ଶର୍ମା ଆହତ ହୋଇଥିବା ଜଣାପଡ଼ିଛି । ଏଥିସହିତ ବ୍ୟାଙ୍କରେ ଥିବା ୩ଜଣ ଗ୍ରାହକଙ୍କ ମୋବାଇଲକୁ ଦୁର୍ବୃତ ଭାଙ୍ଗି ପକାଇଥିବା ମଧ୍ୟ ଅଭିଯୋଗ ହୋଇଛି । ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ସିସି ଟିଭି ର ହାଡ଼ଡିସ୍କ କୁ ମଧ୍ୟ ଭାଙ୍ଗି ଦେଇଥିବା ଜଣାପଡିଛି ।

# ବରାଳପୋଖରୀ ଅଂଚଳରେ ବିଦ୍ୟୁତ ସେବା ବ୍ୟାହତ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବୀପତ୍ର

ଭଦ୍ରକ,(ପିଏନ୍)- ଭଦ୍ରକ ପୌରପାଳିକା ଅନ୍ତର୍ଗତ ୧,୨,ଓ ୩ନଂ ୱାର୍ଡ଼ ବରାଳପୋଖରୀ ଅଂଚଳରେ ବିଦ୍ୟୁତ ସେବାରେ ବିଭ୍ରାଟ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିପର୍ଯ୍ୟସ୍ତ ବିଦ୍ୟୁତ ସେବା ନେଇ ସ୍ଥାନୀୟ ଜନମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକଟ କରାଯାଇଛି । ବିଦ୍ୟୁତ ସେବାରେ ସୁଧାର ଦାବୀ କରି ଜନମଞ୍ଚ ତରଫରୁ ପରେଶ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଜ୍ଞାନ ଦାସଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ବରାଳପୋଖରୀ ରାଜସ୍ୱ ଗ୍ରାମ ଭଦ୍ରକ ପୌରପାଳିକାର ୧,୨ ଓ ୩ ନଂ ୱାର୍ଡ ଅନ୍ତର୍ଗତ । ଦୀର୍ଘଦିନ ଧରି ଏହି ୱାର୍ଡ ଗୁଡିକରେ ବିଦ୍ୟୁତ ବିଭ୍ରାଟ ଲାଗି ରହିଛି । ବିଶେଷ କରି ଏହିସବୁ ୱାର୍ଡବାସୀମାନେ ସହରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଚାଲିଛନ୍ତି । ସବୁଠାରୁ ଅଧିକ ଯନ୍ତ୍ରଣା ଦେଉଛି ବାରମ୍ବାର ବିଦ୍ୟୁତ୍ କାଟ, ଲୋ ଭୋଲଟେଜ୍ ସମସ୍ୟା । ଛାତ୍ରଛାତ୍ରୀମାନେ ପାଠ ପଢିବା ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ବ୍ୟତୀତ ରାସ୍ତାଘାଟରେ କୌଣସି ବିଜୁଳି ଆଲୋକର ବ୍ୟବସ୍ଥା ନାହିଁ । ଲୋକମାନେ ଅନ୍ଧାରରେ ଯାତାୟତ କରି ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଜନମଞ୍ଚର କର୍ମକର୍ତା ଗତ ୨୦୧୮ ମସିହା ସେପ୍ଟେମ୍ବର ୧୧ ତାରିଖରେ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଯନ୍ତ୍ରୀ ୨ ମାସ ମଧ୍ୟରେ ଏହାର ସମାଧାନ କରିବେ ବୋଲି ପ୍ରତିଶୃତି ମଧ୍ୟ ଦେଇଥିଲେ । ମାତ୍ର ଇତି ମଧ୍ୟରେ ୧ ବର୍ଷ ବିତିବାକୁ ବସିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ । ଗ୍ରୀଷ୍ମଦିନରେ ଲୋକେ ଗରମରେ ଆଉଟୁ ପାଉଟୁ ହୋଇ ଦିନ ବିତାଇଲେ । ଏ ସବୁ ଅସହ୍ୟ ହେବାରୁ ଆଜି ପ୍ରତିନିଧି ଦଳ ଜିଲ୍ଲାପାଳ ଜ୍ଞାନ ଦାସଙ୍କୁ ଭେଟି ଦୁଃଖ ଜଣାଇବା ସହ ଦାବୀପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ଦାସ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଏହାର ସମାଧାନ ପାଇଁ ପ୍ରତିଶୃତି ଦେଇଛନ୍ତି । ଆଜି ଦାବୀପତ୍ର ଦେବାକୁ ଯାଇଥିବା ପ୍ରତିନିଧି ଦଳରେ ସାମାଜିକକର୍ମୀ ଚନ୍ଦ୍ରଭାନୁ ନାୟକ, କାମେଶ୍ୱର ସାମଲ, ଗୌରଚନ୍ଦ୍ର ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ, ଉମାକାନ୍ତ ନାୟକ, ରାଜକିଶୋର ସାହୁ, ପତିତପାବନ ନାୟକ, ଦିଲ୍ଲୀପ ନାୟକ, ସୁରେଶ କୁମାର ନାୟକ, ସୋମନାଥ ନାୟକ ପ୍ରମୁଖ ସାମିଲ ଥିଲେ ।

# ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ

ଯୋଡା,୫/୯(ପିଏନ୍) ଯୋଡା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରରେ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଯୋଗାଯୋଗ କୌଶଳ ଓ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡା.ଲକ୍ଷ୍ମୀକାନ୍ତ ସିଂ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖରେ ଶେଷ ହେଉଥିବା ବେଳେ ଯୋଡାବ୍ଲକର ସମୁଦାୟ ୨୪୫ଜଣ ଆଶ ଓ ଅଙ୍ଗନୱାଡ଼ି କର୍ମୀ ମାନେ ତାଲିମ



ନେବେ ବୋଲି ଡାକ୍ତରଖାନା ସୁତ୍ରରୁ ଜଣାପଡିଛି । ଏହାକୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ପି.ଏଚ.ଇ,ଓ ସଂଜୁରାଣୀ ପଣ୍ଡା ଓ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ର ପି.ଏଚ,ଇ.ଓ ପୁରୁଷୋତମ ନାଏକ ପରିଚାଳନା କରିଥିଲେ ।

# ଆକ୍ରମଣର ଶିକାର ଶିକ୍ଷୟିତ୍ରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଭଦ୍ରକ, (ପିଏନ)- ବାସୁଦେବପୁର ଶିକ୍ଷା ସର୍କଲ ଅଧିନସ୍ଥ ଦିହାଚାନ୍ଦି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀ କାମିନୀ ଦାସଙ୍କୁ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ପଢାଉଥିବା ବେଳେ ଉକ୍ତ ବିଦ୍ୟାଳୟର ଚେୟାରମ୍ୟାନଙ୍କ ଭାଇ ଗଦାଧର ନାୟକ ଓ ତାଙ୍କର ପତ୍ନୀ ସ୍କୁଲ ଭିତରେ ପଶି ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାତ୍ମକ ଆକ୍ରମଣ କରିଥିଲେ । ଉକ୍ତ ଘଟଣା ସମ୍ବନ୍ଧରେ ଶିକ୍ଷୟିତ୍ରୀ କାମିନୀ ଦାସଙ୍କ ଆବେଦନକ୍ରମେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇବା ପରେ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ. ୨୩୪୨, ତା ୩୧.୦୮.୧୯ ଅନୁଯାୟୀ କଶିଆ ମେରାଇନ୍ ଥାନାରେ ଏତାଲା ଦେବା ପରେ ପୋଲିସ୍ ଥାନା କେଶ୍ ନଂ. ୪୦/୨୦୧୯ ମାମଲା ରୁଜୁ ହୋଇଥିଲେ । କିନ୍ତୁ ଆଜିକୁ ପାଂଚ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ କାମିନୀ ଦାସ ଶିକ୍ଷକ ସଂଘ ସହାୟତାରେ ଆଜି ଜିଲ୍ଲାପାଳ ଓ ଏସ୍.ପି.ଙ୍କ ନିକଟରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ । ଏସ୍.ପି. ଏ ସମ୍ପର୍କରେ ଅବଗତ ହେବା ପରେ ସମ୍ପୃକ୍ତ ଅଧିକାରୀଙ୍କୁ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଶିକ୍ଷା ସହାୟକ ସଂଘର ସଭାପତି ପ୍ରଶାନ୍ତ କୁମାର ଦାସ, ବାସୁଦେବପୁର ବ୍ଲକ ଶିକ୍ଷା ସହାୟକ ସଂଘର ଶତାଧିକ ପ୍ରତିନିଧି, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଙ୍ଗଠନ ସମ୍ପାଦକ ହାଜି ତବରେଜ ଖାନ୍, ଜିଲ୍ଲା ଶିକ୍ଷକ ସଂଘର ନେତା ସେକ୍ ଅବୁଦଲ ଜାବିର, ଶିକ୍ଷକ ନେତା ଅଶୋକ କୁମାର ନାୟକ, ପିତାମ୍ବର ଦାସ, ଚନ୍ଦ୍ରଶେଖର ପାଣିଗ୍ରାହୀ, ପ୍ରଶାନ୍ତ ଧଳ, ଅରୁପ କୁମାର ମଣ୍ଡଳ ପ୍ରମୁଖ ଅଭିଯୋଗ ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday November 10 | ଭୁବନେଶ୍ୱର | ରବିବାର, ନଭେମ୍ବର ୧୦ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


## ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ବିରୋଧରେ ରିଲାଏନ୍ସ କର୍ମଚାରୀଙ୍କ ବଡ଼ ଅଭିଯାନ



ଭୁବନେଶ୍ୱର(ପିଏନ): ଏକ ଭିନ୍ନ ଧରଣର ସଂଗ୍ରହ ଅଭିଯାନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଦାତବ୍ୟ ଅନୁଷ୍ଠାନ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି ଯେ ଏହାର 'ରିସାଇକଲ ୪ ଲାଇଫ' ଅଭିଯାନରେ ସ୍ୱେଚ୍ଛାସେବୀମାନେ ରିସାଇକ୍ଲିଂ ପାଇଁ ୭୮ ଟନରୁ ଅଧିକ ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିଛନ୍ତି। ତିନି ଲକ୍ଷରୁ ଅଧିକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ପାର୍ଟନର ଏବଂ ଜିଓ ଓ ରିଲାଏନ୍ସ ରିଟେଲ ଭଳି ଆନୁଷଂଗିକ ବ୍ୟବସାୟ ତରଫରୁ ଭାରତର ବିଭିନ୍ନ ସ୍ଥାନରେ କରାଯାଇଥିବା ସଂଗ୍ରହ ଯୋଗୁ ଏହି ଅଭିଯାନରେ ରେକର୍ଡ ପରିମାଣର ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିବା ସମ୍ଭବପର ହୋଇଥିଲା।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ତରଫରୁ ଏହାର ସମସ୍ତ କଂପାନିରେ ଗତ ଅକ୍ଟୋବର ମାସରେ 'ରିସାଇକଲ ୪ ଲାଇଫ' ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ନିଜ ପରିପାର୍ଶ୍ୱରେ ପଡ଼ିଥିବା ବର୍ଜ୍ୟ ପ୍ଲାଷ୍ଟିକ ବୋତଲଗୁଡ଼ିକୁ ସଂଗ୍ରହ କରି ରିସାଇକଲ କରିବା ଲାଗି କାର୍ଯ୍ୟାଳୟକୁ ଆଣିବା ନିମନ୍ତେ କର୍ମଚାରୀମାନଙ୍କୁ ଏହି ଅଭିଯାନ ଜରିଆରେ ଉତ୍ସାହିତ କରାଯାଇଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ସମସ୍ତ କଂପାନି ଏଥିରେ ସର୍ବଭାରତୀୟ ଅଭିଯାନରେ ଅଂଶଗ୍ରହଣ କରି ସ୍ୱଚ୍ଛ ଓ ସବୁଜ ପୃଥିବୀ ଲାଗି ରିସାଇକ୍ଲିଂର ବାର୍ତ୍ତା ବାଂଟିଥିଲେ।

ଶ୍ରୀମତୀ ନୀତା ଅମ୍ବାନି, ପ୍ରତିଷ୍ଠାତା ଓ ଅଧ୍ୟକ୍ଷା, ରିଲାଏନ୍ସ ଫାଉଣ୍ଡେସନ କହିଛନ୍ତି ଯେ, 'ରିଲାଏନ୍ସ ଫାଉଣ୍ଡେସନରେ ଆମେ ବିଶ୍ୱାସ କରୁ ଯେ ଆମ ପରିବେଶର ଯତ୍ନ ନେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସ୍ୱଚ୍ଛତା ହିଁ ସେବା ବାର୍ତ୍ତାର ପ୍ରଚାର, ପ୍ରସାର ଏବଂ ପାଳନ ପାଇଁ ରିଲାଏନ୍ସ ଫାଉଣ୍ଡେସନ ଜାରି ରଖିଥିବା ଉଦ୍ୟମକୁ ଦୃଷ୍ଟିରେ ରଖି ରିସାଇକଲିଂର ଗୁରୁତ୍ୱ ବିଷୟରେ ସଚେତନତା ବଢ଼ାଇବା ଲାଗି ଆମେ ରିସାଇକଲ ୪ ଲାଇଫ ଅଭିଯାନର ଶୁଭାରମ୍ଭ କରିଥିଲୁ। ଭାରତର କୋଣ ଅନୁକୋଣରେ ଥିବା ହଜାର ହଜାର ରିଲାଏନ୍ସ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟ ସ୍ୱେଚ୍ଛାସେବୀ ଭାବେ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ ଏବଂ ରେକର୍ଡ ପରିମାଣର ବର୍ଜ୍ୟ ପ୍ଲାଷ୍ଟିକ ବୋତଲକୁ ସଂଗ୍ରହ କରି ରିସାଇକଲ କରିବାକୁ ଦେଇଥିଲେ। ଆମେ ଆମର ଭବିଷ୍ୟତ ପିଢ଼ି ଲାଗି ଏକ ଉତ୍ତମ, ସ୍ୱଚ୍ଛ ଓ ସବୁଜ ଦୁନିଆ ସୃଷ୍ଟି କରିବାକୁ ପ୍ରତିବଦ୍ଧ।''

ରିସାଇକଲ ୪ ଲାଇଫ ଅଭିଯାନ ଜରିଆରେ ସଂଗ୍ରହ କରାଯାଇଥିବା ପ୍ଲାଷ୍ଟିକ ବୋତଲଗୁଡ଼ିକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏକ ରିସାଇକଲିଂ ୟୁନିଟରେ ରିସାଇକଲ କରାଯିବ। ପ୍ଲାଷ୍ଟିକ ବୋତଲକୁ ଭାଲ୍ୟୁ ଆଡେଡ ଫାଇବରରେ ପରିଣତ କରି ତାହାକୁ ବୟନ କାର୍ଯ୍ୟରେ ବ୍ୟବହାର କରାଯିବ ଓ ଏଥିପାଇଁ କଂପାନି ଆର ଏଲାନ ଗ୍ରିନ ଗୋଲ୍ଡ ଫେବ୍ରିକ ପ୍ରଯୁକ୍ତି ବିକଶିତ କରିଛି।

ସ୍ୱଚ୍ଛତା ଅଭିଯାନକୁ ରିଲାଏନ୍ସ ଫାଉଣ୍ଡେସନ ନିୟମିତ ଭାବେ ସମର୍ଥନ ଯୋଗାଇ ଆସୁଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଓର କର୍ମଚାରୀମାନେ ସାରା ଦେଶରେ ଥିବା ୮୦୦ରୁ ଅଧିକ ରେଳ ଷ୍ଟେସନରେ ବଡ଼ ଧରଣର ସ୍ୱଚ୍ଛତା ଅଭିଯାନ ଆୟୋଜନ କରିଥିଲେ। ରିଲାଏନ୍ସ ଫାଉଣ୍ଡେସନର ଡାକ୍ତର ଓ ନର୍ସମାନେ ସେମାନଙ୍କ ଆଖପାଖରେ ସ୍ୱଚ୍ଛତା ଅଭିଯାନ ଜାରି ରଖିଛନ୍ତି।

## କିଟ୍ ବିଶ୍ୱବିଦ୍ୟାଳୟର ୧୫ତମ ସମାବର୍ତ୍ତନ ଉତ୍ସବ

# ଭାରତର ଯୁବସମାଜ ବିଶ୍ୱକୁ ନେତୃତ୍ୱ ଦେବ: ଓମ୍ ବିର୍ଲା




**ଭୁବନେଶ୍ୱର,(ପିଏନ):** ବିଶ୍ୱକୁ ନେତୃତ୍ୱ ଦେବାର କ୍ଷମତା ଭାରତର ଯୁବ ସମାଜର ରହିଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୫ତମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଶ୍ରୀ ବିର୍ଲା କହିଲେ, ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହା ହେଉଛି ସେମାନଙ୍କ ପାଇଁ ସିଦ୍ଧି ଦିବସ। ବର୍ଷ ବର୍ଷ ଧରି ଯେଉଁ ଜ୍ଞାନ ଯଜ୍ଞରେ ଛାତ୍ରଛାତ୍ରୀମାନେ ଦୃଢ଼ ସଂକଳ୍ପ ଓ ପରିଶ୍ରମର ସହ ଲାଗି ରହିଥିଲେ, ସେହି ଜ୍ଞାନ ଯଜ୍ଞର ପୂର୍ଣ୍ଣାହୁତି ଦିନ ହେଉଛି



ଏହି ସମାବର୍ତ୍ତନ ଉତ୍ସବ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ଆଜି ତୁମେମାନେ ଛାତ୍ର ଜୀବନରୁ ବାହାରି ଏକ ନୂଆ ଦୁନିଆରେ ପାଦ ରଖିବାକୁ ଯାଉଛ। ଏହି ନୂଆ ଦୁନିଆରେ ତୁମମାନଙ୍କୁ ଅନେକ ଚ୍ୟାଲେଞ୍ଜ ଏବଂ ସମ୍ଭାବନାର ସମ୍ମୁଖୀନ ହେବାକୁ ପଡ଼ିବ। ତୁମ ଅଭିଭାବକ, ସମାଜ ଏବଂ ଦେଶ ତୁମଠାରୁ ଅନେକ ଆଶା କରନ୍ତି। ତୁମେ ତୁମ ଜୀବନରେ ସମସ୍ତଙ୍କ ଆଶା, ଆକାଂକ୍ଷାର ସନ୍ତୁଳନ ରକ୍ଷାକରି ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବାକୁ ହେବ। ପୁରାତନ ଭାରତରେ ତକ୍ଷଶୀଳା, ନାଳନ୍ଦା ଭଳି ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ସୀମିତ ବିଷୟରେ ଶିକ୍ଷାଦାନ କରାଯାଉଥିଲା। ଏବେ କିନ୍ତୁ ଶିକ୍ଷାର ଆକାର ବ୍ୟାପକ ହୋଇଛି। ଇଂଜିନିୟରିଂଠାରୁ ଆରମ୍ଭ କରି ଡାକ୍ତରୀ, ସାମ୍ବାଦିକତା, ଆଇନ ଆଦି ଅନେକ ବିଭାଗରେ ଶିକ୍ଷା ଲାଭ କରିବାର ସୁଯୋଗ ମିଳୁଛି। ଜ୍ଞାନ ହେଉଛି ସବୁଠୁ ବଡ଼ ଶକ୍ତି। କିନ୍ତୁ ସର୍ବଦା ଜ୍ଞାନର ସକାରାତ୍ମକ ଓ କଲ୍ୟାଣକାରୀ ଉଦ୍ଦେଶ୍ୟରେ ବିନିଯୋଗ ହେବା ଉଚିତ ବୋଲି ସେ କହିଥିଲେ। ବୌଦ୍ଧିକ ଦୃଷ୍ଟିରୁ ଭାରତ ହେଉଛି ସମୃଦ୍ଧ। ନୂଆ କିଛି ସୃଷ୍ଟି କରିବାର କ୍ଷମତା ଭାରତର ଯୁବ ସମାଜର ରହିଛି। ଆଜି ବିଶ୍ୱର ବିଭିନ୍ନ ଦେଶରେ ଯୁବକଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ଭାରତରେ ବିରାଟ ଯୁବଶକ୍ତି ରହିଛି। ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ଆଜି ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଏହି ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଆମେ ଗୋଟିଏ ସ୍ଥାନରେ ସାରା ବିଶ୍ୱର ଜ୍ଞାନ ପାଇପାରୁଛେ। ବିଶ୍ୱର ପ୍ରତ୍ୟେକ ସ୍ଥାନରେ ଭାରତୀୟ ଯୁବକଙ୍କ ଦକ୍ଷତା ଦେଖିବାକୁ ମିଳୁଛି। ଭାରତୀୟ ଯୁବକଙ୍କ ନିକଟରେ ପ୍ରବଳ ଉତ୍ସାହ ଓ ଉର୍ଜା ଭରି ରହିଛି। ଭାରତର ଯୁବକମାନେ ନିଜର ସୃଜନଶୀଳତାର ବିନିଯୋଗ କରି ନୂଆ ପ୍ରଯୁକ୍ତି କୌଶଳ ବିକାଶ କରିବା ସହ ଏହାକୁ ଦେଶ ଓ ବିଶ୍ୱର ସମସ୍ୟା ସମାଧାନ ଦିଗରେ ଲଗାଇବା ଉଚିତ ବୋଲି ସେ କହିଥିଲେ। ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଲେ, ଛାତ୍ରଛାତ୍ରୀମାନେ ଗବେଷଣାମୂଳକ କାର୍ଯ୍ୟ କରିବା ସହ ଭବିଷ୍ୟତ ବଂଶଧରଙ୍କ ସୁରକ୍ଷା ପାଇଁ ଏହାକୁ ବିନିଯୋଗ କରିବା ଉଚିତ। ବର୍ତ୍ତମାନ ବିଶ୍ୱତାପନ ଓ ପରିବେଶ କ୍ଷୟ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଜ୍ଞାନର ବିନିଯୋଗ କରି ଏହି ସବୁ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ ଗବେଷଣା କରିବାକୁ ସେ ପରାମର୍ଶ ଦେଇଥିଲେ। କୁଳାଧିପତି ପ୍ରଫେସର ବେଦ ପ୍ରକାଶ ତାଙ୍କ ଅଭିଭାଷଣରେ କହିଲେ, ଦେଶର ୯ଶହ ଉଚ୍ଚତର ଶିକ୍ଷାନୁଷ୍ଠାନ ମଧ୍ୟରୁ କିଟ୍‌କୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍‌ସ ଭାବେ ମନୋନୀତ କରାଯାଇଛି। ମାତ୍ର ୧୫ ବର୍ଷ ମଧ୍ୟରେ ଏହି ସ୍ୱୀକୃତି ଏକ ବଡ଼ ମାଇଲଖୁଣ୍ଟ ବୋଲି ସେ କହିଥିଲେ। କିଟ୍‌ରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଭଳି ଜୀବନରେ ସେବା ଉତ୍ସର୍ଗୀକୃତ ମନୋଭାବ ରଖିବା ସହ ସମାଜର ଅବହେଳିତଙ୍କ ପାଇଁ କିଛି କରି ଦେଖାଇବାକୁ ସେ ପରାମର୍ଶ ଦେଇଥିଲେ। ଉପକୁଳାଧିପତି ଡା ସୁବ୍ରତ ଆଚାର୍ଯ୍ୟ କହିଲେ, କିଟ୍‌ର ପ୍ରତ୍ୟେକ ସ୍କୁଲ୍ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଉଦ୍ୟମ କରିଆସୁଛନ୍ତି। କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନ କରି କହିଲେ, କିଟ୍ ତାର ଟେକ୍ନୋଲୋଜି ଇନ୍‌କ୍ୟୁବେସନ୍ ଇନିସିଏଟିଭ୍ ପାଇଁ ଶ୍ରେଷ୍ଠ ଜାତୀୟ ସ୍ୱୀକୃତି ଲାଭ କରିପାରିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମଗ୍ରୀକ ଶ୍ରେଷ୍ଠତ୍ୱ ପାଇଁ ତ୍ରିସା ଚାଟାର୍ଜୀ, ସ୍ୱାଗତ ଖଟାଇ ଏବଂ ବୈଦେହୀ ଘୋଷଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୨୦ଜଣ ଛାତ୍ରଛାତ୍ରୀଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ୨୩ଜଣଙ୍କୁ କୁଳପତି ରୌପ୍ୟ ପଦକ, ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ, ନନୀବାଳା ସ୍ମାରକୀ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ୮୫ଜଣ ରିସର୍ଚ୍ଚ ସ୍କଲାରଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୫୪୩୯ଜଣଙ୍କୁ ସ୍ନାତକ ଓ ୧୦୫୪ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରାଯାଇଥିଲା।

## ଓଡିଶା ସିଏସ୍ଆର୍ ପକ୍ଷରୁ ରାଜ୍ୟସ୍ତରୀୟ ସିଏସ୍ଆର-ଏଚ୍ଆର୍ କୋଲୋକ୍ୱିମ୍-୨୦୧୯




ଭୁବନେଶ୍ୱର(ପିଏନ) : ଓଡିଶା ସିଏସ୍ଆର୍ ଫୋରମ୍ ପକ୍ଷରୁ ସ୍ଥାନୀୟ ହୋଟେଲ କ୍ରାଉନ୍‌ଠାରେ 'ସିଏସ୍ଆର୍-ଏଚ୍ଆର୍ କୋଲୋକ୍ୱିମ୍ ୨୦୧୯ ଆୟୋଜିତ ହୋଇଯାଇଛି। ଏହାର ମୂଳ ଲକ୍ଷ୍ୟ ହେଲା ବ୍ୟବସାୟୀ ନେତା, ସିଏସ୍ଆର୍ ଏବଂ ଏଚ୍ଆର୍ ପେଶାଦାର, ପ୍ରଭାବୀ ନିବେଶକ, ପରୋପକାରୀ, ନବପ୍ରବର୍ତ୍ତକ, ଶିକ୍ଷାବିତ୍, ଏବଂ ଅଣ ସରକାରୀ ସଂଗଠନମାନଙ୍କୁ ନେଇ ସିଏସ୍ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ବିକାଶର ନମୁନା ଅନୁସନ୍ଧାନ କରି ସଂଶୋଧନ ଏବଂ ସହ ନିର୍ମାଣର ସମାଧାନ ଖୋଜିବା। ଏହି କୋଲୋକ୍ୱିମ୍‌କୁ ଓଡିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲାବେଳେ ମୁଖ୍ୟ ଅତିଥି ସ୍କୁଲ ଏବଂ ମାସ୍ ଏଜୁକେସନ୍ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ପାତ୍ର, ସିଏସ୍ଆର୍ ଫୋରମ୍‌ର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସରକାରଙ୍କ ଆବଶ୍ୟକତା ଅନୁସାରେ ସିଏସ୍ଆର୍ ଫଣ୍ଡକୁ କର୍ପୋରେଟ୍ ମାନେ କାର୍ଯ୍ୟରେ ଲଗାଇବା ଉଚିତ। ସିଏସ୍ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଗରୀବି ଏବଂ ନିଯୁକ୍ତି ସୃଷ୍ଟି କରିବା ସରକାର ଏବଂ କର୍ପୋରେଟ୍‌ର ସମାନ ଦାୟିତ୍ୱ ଅଟେ ବୋଲି କହିଥିଲେ। ଏଜୁକେସନ୍ କ୍ଷେତ୍ରରେ କିପରି ଭାବେ ଇନ୍‌ଫ୍ରାଷ୍ଟ୍ରକଚର୍ ଏବଂ ଉନ୍ନତ ଶୈଳୀରେ ଶିକ୍ଷା ପ୍ରଦତ ହୋଇପାରିବେ ସେ ଉପରେ ଶ୍ରୀ ଦାସ ବିଶେଷ ଭାବେ ଗୁରୁତ୍ୱରୋପ କରିଥିଲେ। ଆମେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଧ୍ୟାନ ଦେଉଛୁ ବୋଲି ମଧ୍ୟ କହିଥିଲେ। ସିଏସ୍ଆର୍ ଫୋରମ୍‌ର କନଭେନର୍ ବି.କେ. ମିଶ୍ର ଉପସ୍ଥିତ ରହି ୩୦ ଜଣ ଶିଳ୍ପପତି/ ଉଦ୍ୟୋଗପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପଓ୍ୱନ ମୁଞ୍ଜାଲଙ୍କୁ ଏସିଆ ପେସିଫିକ ଗଲ୍ଫ ହଲ ଅଫ ଫେମ ରେ ଔପଚାରିକ ଭାବେ ସ୍ଥାନିତ

ଭୁବନେଶ୍ୱର :ଗଲ୍ଫର ବୃଦ୍ଧି ପାଇଁ ସମର୍ଥନ ଏବଂ ପ୍ରତିବଦ୍ଧତା ପାଇଁ ବୈଶ୍ୱିକ ଭାବେ ସ୍ୱୀକୃତି ପାଇଥିବା ଡା. ମୁଞ୍ଜାଲଙ୍କୁ ବୁଧବାର ସନ୍ଧ୍ୟାରେ ୨୦୧୯ ଏସିଆନ ଗଲ୍ଫ ପୁରସ୍କାର ପ୍ରଦାନ କରାଯିବା ପାଇଁ ଗୁରୁଗ୍ରାମର ଡିଏଲଏଫ ଗଲ୍ଫ ଏବଂ କଂଟ୍ରି କ୍ଲବରେ ଆୟୋଜିତ ଚାକଚକ୍ୟ ସମାରୋହରେ ପ୍ରତିଷ୍ଠିତ ସମ୍ମାନରେ ଭୁଷିତ କରାଯାଇଥିଲା ।ଏସିଆ ପେସିଫିକ ଗଲ୍ଫ ହଲ ଅଫ ଫେମ ରେ ଜେକ ନିକଲସ, ଗେରୀ ପ୍ଲେୟରଙ୍କ ଭଳି କିମ୍ବଦନ୍ତୀ ଗଲ୍ଫର ଏବଂ ଡା. ଡେଭିଡ ଚୁ, ମିସନ ହିଲ୍ସ, ବିଶ୍ୱର ବୃହତମ ଗଲ୍ଫ ରିସର୍ଟର ସଂସ୍ଥାପକ ଆଦି ଅନ୍ୟାନ୍ୟ ପ୍ରମୁଖ ଗଲ୍ଫ ବ୍ୟକ୍ତିତ୍ୱଙ୍କ ସହିତ ଡା. ମୁଞ୍ଜାଲ ସାମିଲ ହୋଇଛନ୍ତି ।ନା କେବଳ ଏସିଆ କିନ୍ତୁ ସାରା ବିଶ୍ୱରେ ଖେଳର ତତ୍ୱାବଧାରକ ଭାବରେ ତାଙ୍କର ଅସାଧାରଣ ଭୂମିକା ପାଇଁ ଡା. ମୁଞ୍ଜାଲ ସୁପରିଚିତ ହୋଇଛନ୍ତି । ତାଙ୍କର ଖେଳ ପ୍ରତି ବ୍ୟକ୍ତିଗତ ପ୍ରତିବଦ୍ଧତା ଦ୍ୱାରା ଚାଳିତ ହୋଇ ହିରୋ ମୋଟୋକର୍ପ ଆଜି ସମସ୍ତ ତିନୋଟି ଯାକ ଅନ୍ତରାଷ୍ଟ୍ରୀୟ ଗଲଫିଂ ଟୁର- ପିଜିଏ ଟୁର, ୟୁରୋପିୟନ ଟୁର ଏବଂ ଏସିୟନ ଟୁରରେ ଏକ ପ୍ରମୁଖ ଭାଗୀଦାର ହୋଇପାରିଛି । ଚୀନର ଶେଞ୍ଜେନରେ ଡା.ଡେଭିଡ ଚୁ ଗଲ୍ଫ ସଂଗ୍ରହାଳୟ, ହଲ ଅଫ ଫେମ ର ନୂତନ ଘରେ ଡା. ମୁଞ୍ଜାଲଙ୍କୁ ଏସିଆ ପେସିଫିକ ଗଲ୍ଫ ହଲ ଅଫ ଫେମ ରେ ସ୍ଥାୟୀ ଭାବେ ସ୍ଥାନିତ କରାଯିବ । ଏହି ଅବସର ଉପରେ ଟିପ୍ପଣୀ କରି ଡା. ପଓ୍ୱନ ମୁଞ୍ଜାଲ କହିଲେ, "ଏଭଳି ଏକ ପ୍ରତିଷ୍ଠିତ ସମ୍ମାନରେ ଆଭୁଷିତ ହେବା ବାସ୍ତବରେ ଏକ ଗୌରବ ଅଟେ । ଆମେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଗଲ୍ଫ ସହିତ ଯୋଡି ହୋଇଛୁ ଏବଂ ଏହି ଭାଗୀଦାରୀ ବିଗତ ବର୍ଷ ଗୁଡିକରେ ବିଶ୍ୱର ବିଭିନ୍ନ ଅଂଚଳକୁ ସମ୍ପ୍ରସାରିତ ହୋଇଛି । ଏହି ଖେଳକୁ ପ୍ରୋତ୍ସାହନ ଦେବା ଏବଂ ଯୁବ ବର୍ଗଙ୍କୁ ସେମାନଙ୍କର କ୍ଷମତା ଚିହ୍ନିବାକୁ ସକ୍ଷମ କରାଇବା ଓ ବୈଶ୍ୱିକ ପ୍ଲାଟଫର୍ମରେ ପହଂଚାଇବା ପାଇଁ ପ୍ରତିବଦ୍ଧ ରହିବାକୁ ଏହି ସମ୍ମାନ ଆମକୁ ଅତିରିକ୍ତ ପ୍ରେରଣା ଦେଇଛି ।"

## ସିଏସ୍ଆର୍ ପାଇଁ ଆଦିତ୍ୟ ଆଲୁମିନିୟମ ସମ୍ମାନିତ




ଭୁବନେଶ୍ୱର(ପିଏନ): ଓଡ଼ିଶା ସିଏସ୍ଆର୍ ଫୋରମ୍ ତରଫରୁ ଭୁବନେଶ୍ୱର ଠାରେ ଆୟୋଜନ କରାଯାଇଥିବା "ସିଏସଆର୍ ଆଣ୍ଡ ଏଚ୍ଆର୍' କାର୍ଯ୍ୟକ୍ରମ ଶ୍ରେଷ୍ଠ ସିଏସ୍ଆର୍ ବ୍ୟବସ୍ଥା ପ୍ରଚଳନ କରିଥିବା କଂପାନି ଭାବେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର କଂପାନି ଆଦିତ୍ୟ ଆଲୁମିନିୟମ୍‌କୁ ସମ୍ମାନିତ କରାଯାଇଛି। ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ଦାସଙ୍କ ଠାରୁ କଂପାନି ତରଫରୁ ଶ୍ରୀଯୁକ୍ତ ଏ ସତ୍ୟନାରାୟଣନ, କ୍ଲଷ୍ଟର ସିଏସ୍ଆର୍ ମୁଖ୍ୟ, ହିଣ୍ଡାଲ୍‌କୋ ସମ୍ବଲପୁର ଏହି ପୁରସ୍କାରକୁ ଗ୍ରହଣ କରିଛନ୍ତି। ଆଲୁମିନିୟମ ବ୍ୟବସାୟ କ୍ଷେତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ହିଣ୍ଡାଲ୍‌କୋ ହିରାକୁଦ କମ୍ପ୍ଲେକ୍ସର କ୍ଲଷ୍ଟର ମୁଖ୍ୟ ଶ୍ରୀଯୁକ୍ତ ରାଜେଶ ଗୁପ୍ତାଙ୍କୁ ମଧ୍ୟ ଓଡ଼ିଶା ସିଏସ୍ଆର୍ ଫୋରମ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

ଫୋରମର ବିଚାରକ ମଣ୍ଡଳୀଙ୍କ ତରଫରୁ କଂପାନିର ସିଏସ୍ଆର୍ ଓ ସଷ୍ଟେନେବିଲିଟି (ନିରନ୍ତରତା) ଉଦ୍ୟମକୁ ଭୂୟସୀ ପ୍ରଶଂସା କରାଯାଇଛି। କଂପାନି ପକ୍ଷରୁ ସମ୍ବଲପୁର ଜିଲ୍ଲାର ଲପଙ୍ଗା ଅଂଚଳରେ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ବିକାଶ, ସାମଗ୍ରିକ ବିକାଶରେ ଲୋକମାନଙ୍କୁ ସାହାଯ୍ୟ କରିବା ଏବଂ ଆତ୍ମନିର୍ଭରଶୀଳ ହେବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି।

ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା ବିଧାନସଭା ପରିଷଦର ବାଚସ୍ପତି ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଭ୍‌କ ମଧ୍ୟରେ ଓଡ଼ିଶା ସିଏସ୍ଆର୍ ଫୋରମ୍‌ର ମୁଖ୍ୟ ଶ୍ରୀଯୁକ୍ତ ବି କେ ମିଶ୍ର ଓ ବିଭିନ୍ନ କଂପାନିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ବୁଲ୍‌ବୁଲ୍ ବାତ୍ୟାର ପ୍ରଭାବ : ୫ ଜିଲ୍ଲାର କ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ପଠାଇବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର : (ପିଏନ୍) : ବିଗତ ଦୁଇଦିନ ଧରି ସାମୁଦ୍ରିକ ଝଡ଼ ଓ ବାତ୍ୟା 'ବୁଲ୍‌ବୁଲ୍' ପ୍ରଭାବରେ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟମ ଓ ଭାରି ବର୍ଷା ଏବଂ ୮୦ ରୁ ୧୧୦ କି.ମି. ଘଣ୍ଟାପ୍ରତି ପବନ ବହିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବା ସହିତ ଧାନ ଫସଲ ଓ ପନିପରିବା ଫସଲ ଉଜୁଡି ଯାଇଛି । ଅନେକ ସ୍ଥାନରେ ବଡ଼ବଡ଼ ଗଛ ଓ ଇଲେକ୍ଟ୍ରିଖୁଣ୍ଟ ଉପୁଡ଼ିପଡ଼ିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି ଓ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି । ଚାଳଘର ସବୁ ଭାଙ୍ଗିଯିବା ସହିତ କେତେକ ଯାଗାରେ ଆଜବେଷ୍ଟସ୍ ଘର ମଧ ଭାଙ୍ଗିରୁଜି ଯାଇଛି । ସାଧାରଣ ଜୀବନଯାତ୍ରା ଏହିସବୁ ଜିଲ୍ଲାମାନଙ୍କରେ ବନ୍ଦ ହୋଇଯିବା ସହିତ ଅନେକ କ୍ଷୟକ୍ଷତି ଘଟିଛି । ଏହାର କିଛିଦିନ ପୂର୍ବରୁ ପ୍ରବଳ ବର୍ଷା ହେବା ଫଳରେ ଧାନ ଫସଲ ଓ ଶୀତଦିନିଆ ପନିପରିବା କ୍ଷତିଗ୍ରସ୍ତ ହୋଇଥିଲା । ଯାହାକିଛି ବଞ୍ଚି ରହିଥିଲା ତାହା ଏହି ବାତ୍ୟାରେ ଧ୍ୱଂସ ହୋଇଗଲା । ଫୁଲ ଉଡ଼ଉଥିବା ଧାନ ଫସଲ ପାଖାପାଖି ୪୦ ରୁ ୪୫ ଭାଗ ଧ୍ୱଂସ ହୋଇଯାଇଛି ଏବଂ ଅଗପଚା ଦେଇଥିବା ଧାନଗୁଡ଼ିକ ପାଣି ଭିତରେ ପଡ଼ିରହିଛି । ଯାହା ଆଉ କିଛିଦିନ ପରେ ଗଜା ହୋଇଯିବ । ଶୀତଦିନିଆ ପନିପରିବା କୋବି, ଭେଣ୍ଡି, ବିଲାତିବାଇଗଣ,ବିନ୍, ମଟରଛୁଇଁ, କାକୁଡ଼ି, କଖାରୁ ପ୍ରଭୃତି ଉଜୁଡ଼ି ଯାଇଛି । ୫ଟି ଜିଲ୍ଲାର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏହି ୫ଟି ଜିଲ୍ଲାର ଅଧିକାଂଶ ଚାଷୀ କ୍ଷୁଦ୍ର ନାମମାତ୍ର କିମ୍ବା ଭାଗଚାଷୀ ଅଟନ୍ତି । ସମବାୟ ବ୍ୟାଙ୍କରୁ ଋଣ ଆଣି କିମ୍ବା ହାତ ଉଦ୍ଧାରି କରି ଯେଉଁ ଫସଲ କରିଥିଲେ ତାହା ଏହି ବାତ୍ୟାରେ ସମ୍ପୂର୍ଣ୍ଣ ଉଜୁଡିଗଲା । ପାଖାପାଖି ୨ କୋଟି ଲୋକଙ୍କର ଜୀବନଜୀବିକା ଆଜି ବିପଦପୂର୍ଣ୍ଣ । ତେଣୁ ତୁରନ୍ତ କେନ୍ଦ୍ର ସରକାର ଏକ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ଓଡ଼ିଶାକୁ ପଠାଇ 'ବୁଲ୍‌ବୁଲ୍' ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ କରିବା ସହିତ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ ସହାୟତା ଯୋଗାଇ ଦେବାପାଇଁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ମାନ୍ୟବର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ସାହାଙ୍କୁ ଏକ ଚିଠି ଲେଖି ତୁରନ୍ତ କେନ୍ଦ୍ରୀୟ ଟିମ୍ ପଠାଇବାକୁ ଏହି ଚିଠିରେ ଦାବି କରିଛନ୍ତି । ଏହି ଚିଠିର ଏକ ନକଲ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଏବଂ ଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ପ୍ରଦାନ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହିତ ତୁରନ୍ତ ଭେଟି ଏ ସମ୍ପର୍କରେ କଥାବାର୍ତ୍ତା କରି ମଧ୍ୟବର୍ତ୍ତୀକାଳୀନ ଆର୍ଥିକ ସହାୟତା ପାଇଁ ଦାବି କରିବାକୁ ସେ ଅନୁରୋଧ କରିଛନ୍ତି ।

## ହିରୋ ମୋଟୋକର୍ପ ଦେଶର ପ୍ରଥମ ବିଏସ-ଭିଆଇ ମଟରସାଇକେଲ ଲଂଚ

ଭୁବନେଶ୍ୱର-ଗ୍ରାହକ ମାନଙ୍କ ପାଇଁ ଅଭିନବ ଏବଂ ପ୍ରାଦ୍ୟୋଗୀକି ଉନ୍ନତ ଉତ୍ପାଦ ଆଣିବା ଦିଗରେ ଏହାର ସମନ୍ୱିତ ପ୍ରୟାସ ଜାରିରଖି ହିରୋ ମୋଟୋକର୍ପ, ବିଶ୍ୱର ବୃହତମ ଦୁଇ ଚକିଆ ବିନିର୍ମାତା ଭାରତର ପ୍ରଥମ ବିଏସ-ଭିଆଇ ଅନୁପାଳିତ ମଟରସାଇକେଲ ନୂତନ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ଆଜି ଲଂଚ କରିଛନ୍ତି ।

ବଜାରରେ କିଛି ମାସ ମଧ୍ୟରେ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ଲଂଚ କରିବାକୁ ଯାଉଥିବା ହିରୋ ମୋଟୋକର୍ପ ଆଇସିଏଟି ରୁ ବିଏସ-ଭିଆଇ ସାର୍ଟିଫିକେଟ ପାଇବାରେ ଦେଶର ପ୍ରଥମ ଦୁଇ ଚକିଆ ବିନିର୍ମାତା ହେବାକୁ ଯାଉଛି ।ଭାରତର ପ୍ରଥମ ବିଏସ-ଭିଆଇ ଅନୁପାଳନ (୧୧୦ସିସି) ଏଫଆଇ ଇଞ୍ଜିନ ବିଶେଷତା ଛଡା ଉଚ୍ଚତର ଇନ୍ଧନ ଦକ୍ଷତାରେ ଏହାର ଉଚ୍ଚତର ଟର୍କ ଦ୍ୱାରା ନୂତନ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ଏକ ଅତିରିକ୍ତ ପଂଚ ପ୍ରଦାନ କରିଥାଏ । ବର୍ଦ୍ଧମାନ ଫ୍ରଂଟ ସସ୍ପେନସନ୍ ଯାତ୍ରା, ଯେକୌଣସି ରାସ୍ତାରେ ଯିବା ପାଇଁ ଉଚ୍ଚତର ଗ୍ରାଉଣ୍ଡ କ୍ଲିୟରାନ୍ସ, ବୃହତର ସ୍ଥିରତା ପାଇଁ ଦୀର୍ଘତର ହ୍ୱିଲ-ଆଧାର ସହିତ ସଂପୁର୍ଣ୍ଣ ନୂତନ ଡାଇମଣ୍ଡ ଫ୍ରେମରେ ଯେକୌଣସି ଆହ୍ୱାନର ସାମନା କରିବା ପାଇଁ ଏହି ନୂତନ ମଟରସାଇକେଲ ଡିଜାଇନ ହୋଇଛି । ଏକ ଆଧୁନିକ ଡିଜାଇନ ପାଇଁ ମଧ ଏହି ମଟରସାଇକେଲ ଗୌରବାନ୍ୱିତ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray